
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୯ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 APRIL 2024
Vol.No. 35 ■ No.105 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ମୋଟ୍ ୧୦୨ ସିଟ୍‌ରେ ହେବ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ନୂଆଦିଲ୍ଲୀ, ୧୮/୪ : ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ପଡିବ ପ୍ରଥମ ପର୍ଯ୍ୟାୟ ଭୋଟ । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ମୋଟ୍ ୧୦୨ଟି ଆସନ ପାଇଁ ମତଦାନ ହେବ । ଏଥିରେ ପ୍ରାୟ ୧ ହଜାର ୬୨୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମତଦାନ ହେବ । ୧୦୨ ଲୋକସଭା ଆସନରେ ହେବାକୁ ଥିବା ମତଦାନରେ ତାମିଲନାଡୁର ସର୍ବାଧିକ ୩୯ ଆସନ ରହିଛି । ରାଜସ୍ଥାନର ୧୨, ୟୁପିର ୮, ଉତରାଖଣ୍ଡର ୫, ବିହାରର ୪,



ଆସାମର ୪, ମଧ୍ୟପ୍ରଦେଶର ୬, ଅରୁଣାଚଳ ପ୍ରଦେଶର ୨ ଆସନରେ ଭୋଟ୍ ଗ୍ରହଣ ହେବ । ସେହିପରି ପଶ୍ଚିମବଙ୍ଗର୩, ମହାରାଷ୍ଟ୍ରର ୫ ଏବଂ ଛତିଶଗଡ଼, ତ୍ରିପୁରା, ଜମ୍ମୁ-କାଶ୍ମୀର, ଆଣ୍ଡାମାନ ନିକୋବର, ଲାକ୍ଷାଦୀପ ଓ ପୁଡୁଚେରୀର ଗୋଟିଏ ଲେଖାଏଁ ଆସନରେ ଭୋଟ୍ ଗ୍ରହଣ ହେବ । ପ୍ରଥମ ପର୍ଯ୍ୟାୟରେ ୮ କେନ୍ଦ୍ରମନ୍ତ୍ରୀ, ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଜଣେ ପୂର୍ବତନ ରାଜ୍ୟପାଳଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କାରୀ, ଜିତେନ୍ଦ୍ର ସିଂହ, ଚିରାଗ ପାଶୱାନ, ନକୁଲ ନାଥ, କେ ଆନ୍ନାମଲାଇ, ପୂର୍ବତନ ତେଲେଙ୍ଗାନା ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନ, କାନିମୋଝି ଏବଂ ଜିତିନ ପ୍ରସାଦ ପ୍ରମୁଖ ରହିଛନ୍ତି ।

## ୪୩.୬ ଡିଗ୍ରୀରେ ସିଝିଲା ରାଜଧାନୀ

ଭୁବନେଶ୍ୱର, ୧୮/୪ (ନି.ପ୍ର): ତତଲା କଡେଇରେ ଭାଜି ହେଉଛି ସାରା ରାଜ୍ୟ। ମୁଣ୍ଡ ଫଟା ଖରା ସହ ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହେଉଛନ୍ତି ରାଜ୍ୟବାସୀ। ଏହି କ୍ରମରେ ଗୁରୁବାର ରାଜ୍ୟର ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଭୁବନେଶ୍ୱର ପାଲଟିଛି ସବୁଠୁ ଉତପ୍ତ ସହର। ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱର ତଳକୁ ରହିଛି ବୌଦ୍ଧ। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ପଛକୁ ୪୩.୩ ଡିଗ୍ରୀ ସହ ରହିଛି ଅନୁଗୁଳ। ସେହିପରି ବାଲେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୪୧.୨, କଟକରେ ୪୧.୪, ବାରିପଦାରେ ୪୨.୬, ଝାରସୁଗୁଡ଼ାରେ ୪୨.୮, କେନ୍ଦୁଝରଗଡ଼ରେ ୪୦.୯, ସମ୍ବଲପୁରରେ ୪୨.୨, ସୁନ୍ଦରଗଡ଼ରେ ୪୧.୪, ହୀରାକୁଦରେ ୪୧.୬, ତାଳଚେରରେ ୪୨.୨, ଭବାନୀପାଟଣାରେ ୪୨, ଫୁଲବାଣୀରେ ୪୦.୪, ଟିଟିଲାଗଡ଼ରେ ୪୨.୫, ମାଲକାନଗିରିରେ ୪୨.୫, ସୋନପୁରରେ ୪୦.୭, ନୟାଗଡ଼ରେ ୪୨, ଛତ୍ରପୁରରେ ୪୦.୮, ପାରଳାଖେମୁଣ୍ଡିରେ ୪୧.୮, ଭଦ୍ରକରେ ୪୧, ଯାଜପୁରରେ ୪୧.୮, ଢେଙ୍କାନାଳରେ ୪୨, ବରଗଡ଼ରେ ୪୧.୨, ନୂଆପଡ଼ାରେ ୪୨.୨, ନବରଙ୍ଗପୁରରେ ୪୧, ଖୋର୍ଦ୍ଧାରେ ୪୨.୫, ଜଗତସିଂହପୁରରେ ୪୨.୩, କେନ୍ଦ୍ରାପଡ଼ାରେ ୪୧.୪ ଓ ରାଉରକେଲାରେ ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି।

## ବିଜେଡିରେ ମିଶିଲେ ବର୍ଷା




ଭୁବନେଶ୍ୱର, ୧୮/୦୪ (ନି.ପ୍ର): ବିଜେଡିରେ ମିଶିଲେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଆଜି ଶଙ୍ଖ ଭବନରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ସେ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ଯୋଗ ଦେବା ପରେ ବର୍ଷା କହିଥିଲେ, ମୁଁ ସାର (ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ)ଙ୍କର ଜଣେ ଫ୍ୟାନ୍। ଏମିତିକି କେବଳ ତାଙ୍କୁ ଉତ୍ସର୍ଗ କରି ଏକ ଫିଲ୍ମ ତିଆରି କରିଥିଲି। ସାରଙ୍କ ବ୍ୟକ୍ତିତ୍ୱ, ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ସବୁବେଳେ ମୋତେ ପ୍ରେରଣା ଦେଇଛି। ସେ କଥାରେ କମ୍ ଓ କାମରେ ଅଧିକ ବିଶ୍ୱାସ କରନ୍ତି। ମୋତେ ବିଜେଡିରେ ସାମିଲ ହେବାକୁ ସୁଯୋଗ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଉଛି। ଅନୁଭବ ମହାନ୍ତି ବିଜେଡି ଛାଡ଼ିବାର ପ୍ରାୟ ୨୦ ଦିନ ପରେ ବର୍ଷା ପ୍ରିୟଦର୍ଶିନୀ ଏହି ଦଳରେ ମିଶିଛନ୍ତି। ଗତ ମାସ ୨୦ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିଲେ କେନ୍ଦ୍ରାପଡ଼ା ସାଂସଦ। ସେ ବିଜେପିରେ ସାମିଲ ହୋଇଛନ୍ତି। ବିଜେପି ଟିକେଟରେ ସେ ଏଥର ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି କୁହାଯାଉଛି। ହେଲେ ସେ କେଉଁଠାରୁ ପ୍ରାର୍ଥୀ ହେବେ, ତାହା ଜଣାପଡ଼ିନି।

## ୩୭ ବିଧାନସଭାରେ ପ୍ରାର୍ଥୀ ଘୋଷଣା କଲା ଆମ୍ ଆଦମୀ ପାର୍ଟି: ସିପିଏମ୍ ଲଢ଼ିବ ଭୁବନେଶ୍ୱର ଲୋକସଭା

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ରାଜ୍ୟର ୩୭ଟି ବିଧାନସଭା ପାଇଁ ଆମ୍ ଆଦମୀ ପାର୍ଟି ନିଜର ପ୍ରାର୍ଥୀ ଘୋଷଣା କରିଛି । ସିପିଆଇ(ଏମ୍) ମଧ୍ୟ ଆଜି ଭୁବନେଶ୍ୱର ଲୋକସଭା ସମେତ ୭ଟି ବିଧାନସଭା ପାଇଁ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି । ସୂଚନା ଅନୁସାରେ, ସିପିଆଇଏମ୍ ରାଜ୍ୟ ସମ୍ପାଦକ ତଥା ବରିଷ୍ଠ ନେତା ସୁରେଶ ପାଣିଗ୍ରାହୀ ଚଳିତଥର ଭୁବନେଶ୍ୱର ଲୋକସଭା ▶▶ପୃଷ୍ଠା ୭

AAM AADMI PARTY

## ୪ ଲୋକସଭା ଓ ୨୮ ବିଧାନସଭା ପାଇଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ: ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟର

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟର ୪ଟି ଲୋକସଭା ଓ ୨୮ଟି ବିଧାନସଭାରେ ହେବାକୁ ଥିବା ନିର୍ବାଚନରେ ମୋଟ ୬୨ଲକ୍ଷ ୮୪ହଜାର ୬୪୯ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ । ମାତ୍ର ଏଥିରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ ୯୧,୫୨୮ ଅଧିକ ରହିଛି । ସୁରକ୍ଷା ଦୃଷ୍ଟିରୁ କେତେକ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ସମୟକୁ ଅପରାହ୍ଣ ୪ଟା ଓ ୫ଟା ପର୍ଯ୍ୟନ୍ତ କରାଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶିଶୁ ଓ ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ର୍ୟାଲି ଓ ରୋଡ୍ ଶୋ’ ନକରିବା ପାଇଁ ପରାମର୍ଶ ଦିଆଯାଇଛି । ଆଜି ଏସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ,ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ସବୁ ରାଜନୀତିକ ଦଳଗୁଡ଼ିକର ସହଯୋଗ ଲୋଡ଼ାଯାଇଛି । ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା କଳାହାଣ୍ଡି, ବ୍ରହ୍ମପୁର, ନବରଙ୍ଗପୁର ଓ କୋରାପୁଟ ସମେତ ଏହା ଅନ୍ତର୍ଗତ ସମସ୍ତ ୨୮ଟି ବିଧାନସଭାରେ ଆସନ୍ତା ମେ’ ୧୩ତାରିଖରେ ମତଦାନ ହେବ । ଏଥିପାଇଁ ▶▶ପୃଷ୍ଠା ୭



## ପିକ୍‌ଅପ୍ ଭ୍ୟାନ୍‌ରୁ ୧୦ ଲକ୍ଷ ଟଙ୍କା ଜବତ

ବରଗଡ଼ , ୧୮/୪ (ନି.ପ୍ର): ନିର୍ବାଚନ ଆଚରଣ ବିଧି ଲାଗି ହୋଇଥିବା ବେଳେ ୧୦ ଲକ୍ଷ ଟଙ୍କା ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଥିଲା। ଗାଡ଼ି ଯାଞ୍ଚ ବେଳେ ବରଗଡ଼ ସଦର ଥାନା ପୁଲିସ୍ ଏତେ ପରିମାଣର ଟଙ୍କା ଜବତ କରିଛି। ଏତେ ପରିମାଣର ଟଙ୍କା କେଉଁଠି ଯାଉଥିଲା, ତାହା ଜଣାପଡ଼ିନଥିବା ବେଳେ ମଧ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ଆଜି ଏକ



ପିକ୍‌ଅପ୍ ଭ୍ୟାନରେ ବରଗଡ଼ ସହର ଦେଇ ଦ୍ରୁତ ଗତିରେ ଯାଉଥିଲା। ହଳଦୀପାଲି ଛକଠାରେ ଟାଉନ୍ ଥାନା ପୁଲିସ୍ ଗାଡ଼ିଟିକୁ ଅଟକାଇ ଥିଲା। ଯାଞ୍ଚ ବେଳେ ଗାଡ଼ିରୁ ୧୦ ଟଙ୍କା ମିଳିଥିଲା। ନୋଟ୍ ଗୁଡ଼ିକୁ ଛୋଟ ଛୋଟ ପ୍ୟାକେଟ୍‌ରେ ପ୍ୟାକିଂ ହୋଇଥିଲା। ପୁଲିସ୍ ସେହି ଟଙ୍କା ସମ୍ପର୍କରେ ଗାଡ଼ି ଚାଳକଙ୍କୁ ପଚାରିଥିଲା। ମାତ୍ର ସେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲା। ତେଣୁ ପୁଲିସ୍ ଟଙ୍କା ପ୍ୟାକେଟ୍ ଓ ଗାଡ଼ିକୁ ଜବତ କରିଥିଲା। ଗାଡ଼ି ଚାଳକକୁ ପୁଲିସ୍ ଅଟକ ରଖିଛି। ଚାଳକ ଜଣକ ▶▶ପୃଷ୍ଠା ୭

## ଆଇପିଏସ୍ ସଂଜୟ ସିଂହଙ୍କ ଭିଆରଏସ୍ ମଂଜୁର

ଭୁବନେଶ୍ୱର, ୧୮/୪ (ନି.ପ୍ର): ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସଂଜୟ ସିଂହ ସ୍ୱେଚ୍ଛାକୃତ ଅବସର ବା ଭିଆରଏସ୍ ନେଇଛନ୍ତି। ୧୯୯୬ ବ୍ୟାଚ୍ ଆଇପିଏସ୍ ସଂଜୟ ସିଂହଙ୍କୁ ଭିଆରଏସ୍ ପାଇଁ ଅନୁମତି ମିଳିଛି। ସଂଜୟଙ୍କ ଆବେଦନକୁ ରାଜ୍ୟ ଗୃହ ବିଭାଗ ମଂଜୁର କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସଂଜୟ ସିଂହ ବର୍ତମାନ ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ (ଏନସିବି) ଡେପୁଟି ଡିଜି ଅଛନ୍ତି ।

## ରାସ୍ତାରେ ଗଲାବେଳେ ଜଳିଗଲା କାର

ଢେଙ୍କାନାଳ, ୧୮/୪ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ମହାବିରୋଡ଼ ଥାନା ତୋରଡ଼ାନାଳୀ ଗାଁ ନିକଟରେ ଜଳିଗଲା କାର। ଅଳ୍ପକେ ବର୍ତ୍ତିଲେ ୪ଜଣ ଯାତ୍ରୀ। କାରରେ ସର୍ଟ ସର୍କିଟ କାରଣରୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଆଜି ସକାଳେ ଟାଟା ଇଣ୍ଡିଗୋ କାରଟି ତୋରଡ଼ାନାଳୀ ଗାଁରୁ ଯାତ୍ରୀ ନେଇ କୁଟୁରିଆ ପଞ୍ଚାୟତ ଅନ୍ତର୍ଗତ ମା ବିଲେଇଶୁଣିଙ୍କ ଶକ୍ତି ପୀଠକୁ ଯାଉଥିଲା। ହଠାତ କାରରୁ ଧୂଆଁ ବାହାରିବାରୁ ଗାଡ଼ି ଚାଳକ ଗାଡ଼ିରୁ ଯାତ୍ରୀଙ୍କୁ ବାହାର କରିଦେଇଥିଲେ। କ୍ଷଣକ ଭିତରେ କାରଟି ଜଳି ପାଉଁଶ ହୋଇ ଯାଇଥିଲା। ଏନେଇ ଖବର ପାଇ କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ କାହାର କିଛି କ୍ଷତି ହୋଇନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଗାଡ଼ି ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ୪ଜଣ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଇଡିର ନୂଆ ଦାବି

### ମେଡିକାଲ ଗ୍ରାଉଣ୍ଡରେ ଜାମିନ ପାଇବାକୁ ନିଜ ସ୍ୱାସ୍ଥ୍ୟ କରୁଛନ୍ତି ଖରାପ

ନୂଆଦିଲ୍ଲୀ, ୧୮/୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଇଡିର ନୂଆ ଦାବି । ଆଜିର ଶୁଣାଣୀରେ ଇଡି କୋର୍ଟଙ୍କ ନିକଟରେ ସତ୍ୟପାଠ ଦାଖଲ କରିଛି । ଇଡି କହିଛି ଟାଇପ ଟୁ ଡାଏବେଟିସ ଥିବା ସତ୍ୱେ କେଜ୍ରିୱାଲ ତେଲ ଜାତୀୟ ଖାଦ୍ୟ, ଆଳୁ, ମିଠା ଓ ଆମ୍ବ ଖାଉଛନ୍ତି । ଜାମିନ ପାଇବା ଉଦ୍ଦେଶ୍ୟ ରଖି ବାରଣ କରାଯାଇଥିବା ଖାଦ୍ୟ କେଜ୍ରିୱାଲ ଖାଉଛନ୍ତ । ଇଡି ପକ୍ଷ ଓକିଲ ଜୋହେବ ହୁସେନ ଶୁଣାଣୀ ସମୟରେ ଏଭଳି ଦାବି କରିଛନ୍ତି । ସେପଟେ କେଜ୍ରିୱାଲଙ୍କ ଓକିଲ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଘର ପରିବାର ସହ କେଜ୍ରିୱାଲଙ୍କୁ ଦୂରେଇ ରଖିବାକୁ ଇଡି ଏଭଳି



ଅଭିଯୋଗ କରୁଥିବା ସେ କହିଛନ୍ତି । କୋର୍ଟରେ ତଥ୍ୟ ରଖିବା ପାଇଁ ଇଡି ତିହାର ଜେଲଠୁ କେଜ୍ରିୱାଲଙ୍କ ପ୍ରତିଦିନର ଖାଦ୍ୟ ବିବରଣୀ ମାଗିଥିଲା । ଭିଡିଓ କନଫେରେନ୍ସରେ ପ୍ରତିଦିନ ସ୍ୱାସ୍ଥ୍ୟ ଯାଂଚ ପାଇଁ କେଜ୍ରିୱାଲ ଯେଉଁ ଆବେଦନ କରିଥିଲେ ତା ଉପରେ ଆଜି ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟ ଶୁଣାଣୀ କରିଥିଲେ । ପରବର୍ତୀ ଶୁଣାଣୀ ୧୯ ତାରିଖରେ କରିବେ କୋର୍ଟ ।

## ନିର୍ବାଚନ କମିଶନଙ୍କୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ: ଇଭିଏମରେ ଅଧିକ ଭୋଟ୍‌ର ଯାଞ୍ଚ କର

ନୂଆଦିଲ୍ଲୀ, ୧୮/୪ : କେରଳରେ ମକ୍ ପୋଲ୍ ବା ଇଭିଏମ ପରୀକ୍ଷା ଚାଲିଥିଲାବେଳେ ଭାରତୀୟ ଜନତା ପାର୍ଟି ସପକ୍ଷରେ ଅଧିକ ଭୋଟ୍ ପଡ଼ିବା ନେଇ ଅଭିଯୋଗ ଉଠିଛି। ଏହି ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରିବାକୁ ସୁପ୍ରିମ କୋର୍ଟ ଭାରତର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଭିଏମର ସମସ୍ତ ଭିଭିପାଟ୍ ଯାଞ୍ଚ ଓ ଗଣତି ନେଇ ଚାଲିଥିବା ମାମଲାର ଶୁଣାଣି ଅବସରରେ ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମ ବା ଏଡିଆର ପକ୍ଷରୁ ଅଧିବକ୍ତା ପ୍ରଶାନ୍ତ ଭୂଷଣ ମାନ୍ୟବର କୋର୍ଟଙ୍କ ଆଗରେ ଏହି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ମିଡିଆ ରିପୋର୍ଟ ଉଦ୍ଧାର କରି କେରଳର କସରଗଡ଼ରେ ଇଭିଏମରେ ଗୋଟେ ପାର୍ଟିକୁ ଭୋଟ୍ ଦେଲେ ଆଉ ଗୋଟେ ପାର୍ଟିକୁ ପଳାଉଛି ବୋଲି ଉଲ୍ଲେଖ କରିଥିଲେ। ମାମଲାର ଶୁଣାଣି କରୁଥିବା ବିଚାରପତି ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତ ଅଧିବକ୍ତା ଭୂଷଣଙ୍କ ନିବେଦନକୁ ଗ୍ରହଣ କରି ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତର ନିର୍ବାଚନ କମିଶନଙ୍କୁ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି। କେରଳର କସରଗଡ଼ରେ ଇଭିଏମ ପ୍ରଦର୍ଶନ




ଯାଞ୍ଚ ଚାଲିଥିଲାବେଳେ ତିନିଟି ଇଭିଏମର ଭିଭିପାଟ୍ ବିଜେପି ସପକ୍ଷରେ ଗୋଟିଏ ଲେଖାଏଁ ଅଧିକ ସ୍ଲିପ୍ ପ୍ରିଣ୍ଟ କରିଥିଲେ। ମୋଟ ଉପରେ ୧୦ଟି ଭିଭିପାଟ୍ ସଂଯୁକ୍ତ ଇଭିଏମ ଥିଲା। ଅଧିକ ବାହାରିଥିବା ଭିଭିପାଟ୍ ସ୍ଲିପରେ ପଦ୍ମ ଚିହ୍ନ ଥିଲା ଓ ଏହା ଗଣତି ପାଇଁ ନୁହେଁ ବୋଲି ଲେଖାଯାଇଥିଲା। ସେଠାକାର କଂଗ୍ରେସ ପ୍ରାର୍ଥୀ ରାଜମୋହନ ଉନ୍ନିଥନଙ୍କ ମୁଖ୍ୟ ନିର୍ବାଚନ ପ୍ରତିନିଧି ଅଧିବକ୍ତା ବିଏମ ଜମାଲ ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# 'ମୌଳିକ ସୁବିଧା ପାଇଲୁନି, ଏଥର ଭୋଟ ବର୍ଜନ': ଚରମବାଣୀ ଶୁଣାଇଲେ ଗଗଲିମାହାର ୬୦ ପରିବାର



ବାଲିଗୁଡ଼ା, ୧୮/୪ (ନି.ପ୍ର): ୧ 'ବର୍ଷ ବର୍ଷ ବିତିଗଲା। ହେଲେ ଆଜି ପର୍ଯ୍ୟନ୍ତ ନା ରାସ୍ତାଟିଏ ନିର୍ମାଣ ହୋଇପାରିଲା ନା ସ୍କୁଲ୍। ପିଇବା ପାଣି ପାଇଁ ୧୨ ମାସ ସଂଘର୍ଷ। ଆଉ ନିର୍ବାଚନ ଆସିଲେ ନେତାଙ୍କ କେବଳ ମାଳମାଳ ପ୍ରତିଶ୍ରୁତି। କିନ୍ତୁ ପରେ ଫଳ ଶୂନ୍। ବାସ୍ ବହୁତ ହୋଇଗଲା। ଏଥର ନିର୍ବାଚନରେ ଭୋଟ ବର୍ଜନ କରିବୁ। ଆଉ ନିଜ ମତଦାନ ଅଧିକାର ସାବ୍ୟସ୍ତ କରିବୁନି'। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ରତୁଙ୍ଗିଆ ପଞ୍ଚାୟତର ଆଦିବାସୀଅଧ୍ୟୁଷିତ ଗଗଲିମାହା ଗ୍ରାମର ୬୦ ପରିବାର ଆଜି ଏହି ମର୍ମରେ ଚରମବାଣୀ ଶୁଣାଇଛନ୍ତି। ଗଗଲିମାହା, ପନିପଦର ଓ ପାଙ୍ଗାପଡ଼ା ତିନିଟି ସାହିକୁ ନେଇ ଗଗଲିମାହା ରାଜସ୍ୱ ଗ୍ରାମ ଗଠିତ ହୋଇଛି। କିନ୍ତୁ ସମସ୍ତ ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ହୋଇ ରହିଛନ୍ତି। ଗାଁକୁ ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସଟିଏ ଆସିପାରୁ ନଥିବାରୁ ରୋଗୀ ଓ ଗର୍ଭବତୀଙ୍କୁ ଦୋଳାରେ ବୋହି ନିଆଯାଉଛି। ଲଗାଣ ବର୍ଷା ହେଲେ କିରମାହା ନାଳରେ ପାଣି ଆସିଲେ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜଳଯୋଗାଣରୁ ସେମାନେ ବଞ୍ଚିତ ହୋଇରହିଛନ୍ତି। ତିନିଟି ନଳକୂପରୁ କଳଙ୍କିଯୁକ୍ତ ପାଣି ଆସିବା ସହ ପିଇବା ଉପଯୋଗୀ ହୋଇପାରୁ ନଥିବାରୁ ୧ କିଲୋମିଟର ଦୂର କିରାମାହା ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରାଯାଇଛି। ବିଶୁଦ୍ଧ ପାଣି ମିଳୁ ନଥିବାରୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ଫଳରେ ଗାଁରେ ଶିକ୍ଷିତହାର କମ୍। ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଗାଁଠୁ ୫ କିଲୋମିଟର ଦୂର କୁଟିଗୁଡ଼ା ଓ ସ୍କୁଲ୍ ପାଇଁ ୩ କିଲୋମିଟର ଦୂର ଗୁମାକିଆ ଯିବାକୁ ପଡୁଛି। ୨୦୧୨ ମସିହାରୁ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବାକୁ ଦାବି ହେଉଥିଲେ ହେଁ, କୌଣସି ସୁଫଳ ମିଳୁନି। ସମସ୍ତ ମୌଳିକ ସୁବିଧା ଯୋଗାଇବାକୁ ବାରମ୍ବାର ବିଧାୟକ, ସରପଞ୍ଚ, ବ୍ଲକ୍ ଅଧକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ବିଡିଓଙ୍କୁ ବହୁବାର ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଏଦିଗରେ କେହିବି ତତ୍ପରତା ଦେଖାଉନାହାନ୍ତି। ଚାରିବର୍ଷ ତଳେ ବାଲିଗୁଡ଼ା ବିଡିଓ କେବଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତଥାପି ସ୍ଥିତି ଯେମିତିକୁ ସେମିତି। ଫଳରେ ଗାଁର ମହିଳା ଓ ପୁରୁଷମାନେ ଆଜି ଏକାଠି ହୋଇ ଚଳିତ ସାଧାରଣ ନିର୍ବାଚନରେ ଭାଗ ନନେଇ ସମୂହ ଭୋଟ୍ ବର୍ଜନ କରିବାକୁ ଚରମ ନିଷ୍ପତ୍ତି ଦେଇଛନ୍ତି। ଏଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସୂଚନା ମିଳିଛି। ଗୁମାକିଆ, ତଳଗୁମାକିଆ, ଗଗଲିମାହା, ପନିପଦର ଓ ପାଙ୍ଗାପଡ଼ାକୁ ନେଇ ସ୍ୱତନ୍ତ୍ର ଗଗଲିମାହା ୱାର୍ଡ଼ ଗଠନ ଦାବି କରାଯାଇଛି। ସଞ୍ଜୀବ ପ୍ରଧାନ, ଅଶୋକ ପ୍ରଧାନ, ଲକ୍ଷପତି ମଲ୍ଲିକ, ସଙ୍ଗୀତା ପ୍ରଧାନ ଓ ସରିତା ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# କଳିଙ୍ଗାରେ ବସୁଧା ଯୋଜନା ଫେଲ: ୧୫ ଦିନ ହେଲା ଲୋକଙ୍କୁ ମିଳୁନି ପାଣି



ଘୁ.ଉଦୟଗିରି, ୧୮/୪ (ନି.ପ୍ର): ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗେଇ ଦେବା ନିମନ୍ତେ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ଇଣ୍ଟେକ ୱେଲ, ବୋର ୱେଲ, ପାଇପ ଲାଇନ ବିଛେଇବା, ଓଭର ହେଡ ଟ୍ୟାଙ୍କ ଭଳି ବହୁ କାର୍ଯ୍ୟ କରି ଲୋକଙ୍କ ପାଇଁ ଘରେ ଘରେ ପିଇବା ପାଣି ଯୋଗେଇବା ବ୍ୟବସ୍ଥା କରିଛନ୍ତି। ଏହି ଯୋଜନାରୁ ସାଧାରଣ ଲୋକ ସୁଫଳ ପାଇ ପାରୁନଥିବା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ବିଭିନ୍ନ ଗ୍ରାମରେ। ଘୁମୁସର ଉଦୟଗିରି ବ୍ଲକର କଳିଙ୍ଗା ପଞ୍ଚାୟତ ହେଉଛି ଏହାର ବଳିଷ୍ଠ ଉଦାହରଣ।

କଳିଙ୍ଗା ଗ୍ରାମ ପଞ୍ଚାୟତ ର ୭ନଂ ୱାର୍ଡରେ ବସୁଧା ଯୋଜନା ଫେଲ୍ ମାରିଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପିଇବା ପାଣି ନିମନ୍ତେ ବସୁଧା ଯୋଜନାର ବ୍ୟବସ୍ଥା କରିଛନ୍ତି ଗାଁ ଗାଁ ରେ ପାଇପ ଯୋଗେ ପାଣି ଯୋଗେଇବା ନିମନ୍ତେ ପାଇପ ବିଛା ହୋଇଛି ୧୫ଦିନ ହେଲା ପାଇପ ଯୋଗେ ପାଣି ଯୋଗାଣ ବନ୍ଦ ରହିଛି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ବର୍ତ୍ତମାନ ପିଇବା ପାଣି ନପାଇ କଳିଙ୍ଗା ଗ୍ରାମ ପଞ୍ଚାୟତର ୭ନଂ ୱାର୍ଡର ଅନେକ ସାହିର ଜନସାଧାରଣ ଡହଳ ବିକଳ ହେଉଛନ୍ତି। ଏହି ପାଣି ଉପରେ କଳିଙ୍ଗା ୭ନଂ ୱାର୍ଡର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପରିବାର ଲୋକ ନିର୍ଭରଶୀଳ। କିନ୍ତୁ ପାଣି ନପାଇ କଳିଙ୍ଗାର କୁଆଁସାହି, ଗୌଡ଼ସାହି, ଡିଏଭି, ମେଡ଼ିକାଲ ଏବଂ ପାଖାପାଖି ଅନ୍ୟାନ୍ୟ ସାହିର ଜନସାଧାରଣ ବର୍ତ୍ତମାନ ବହୁତ ହଇରାଣ ହେଉଛନ୍ତି। ଟୋପାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଅନେକ ଜାଗାରେ ପାଣି ପାଇପରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି ତ କୋଉଠି ପାଇପ ଫାଟି ଗଲାଣି। ଏହାର ମରାମତି ପ୍ରତି ବିଭାଗୀୟ ଅଧିକାରୀଙ୍କ ଆଗ୍ରହ ନାହିଁ।ନୂତନ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କ ଯେଉଁଭଳି ଆଗ୍ରହ ରହୁଥିଲା ଏହାର ତଦାରଖ ହେଉ କି ମରାମତି ତା ପ୍ରତି ଆଗ୍ରହ ନଥିବା ଭଳି ମନେ ହେଉଛି। ସ୍ଥାନୀୟ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିବା ପରେ ମଧ ସମସ୍ୟାର ସମାଧାନ ନ ହେବା ପରିତାପର ବିଷୟ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଠିବ ଥିବା ବେଳେ ଟୋପାଏ ପିଇବା ପାଣି ଯୋଗାଇ ଦେବାରେ ବିଭାଗୀୟ ଅଧିକାରୀ ମାନେ ବିଫଳ ହୋଇଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

# ତାଲୁକା ଆଇନ ସମିତି ଆଇନ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ, ୧୮/୪ (ନି.ପ୍ର): ତାଲୁକା ଆଇନ ସମିତି ତରଫରୁ, ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକା ଆଇନ ସେବା ସମିତି ଅଧକ୍ଷା ତଥା ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ସିନିୟର ଜଜ୍ ଶ୍ରୀମତୀ ସୁଶ୍ରୀ ସଗୀତା ମଲିକଙ୍କ ଅଧ୍ୟକ୍ଷତାରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଜଜ ସମୀକ୍ଷା ମହାନ୍ତି ଓ ଜଜ୍ ମୋନାଲିସା ପ୍ରଧାନ ଯୋଗଦେଇ ସିଆରପିସି ଧାରାରେ ଥିବା ଏଫଆଇ ଆରର, ବେଲ, ସମନ, ୱାରେଣ୍ଟ, ଲିଗାଲ ରାଇଟ ଏବଂ ଅପିଲ ବିଷୟରେ ଆଲୋଚନା କରାଯାଇଥିଲ। ଆଇନଜୀବି ତଥା ପଟ୍ଟାମୁଣ୍ଡାଇ ବାରର ଉପସଭାପତି ସୁରେଶ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ଭିମସେନ ପ୍ରଧାନ, ଭବାନି ଶଙ୍କର ପଣ୍ଡା, ପିଏଲଭି ପ୍ରଫୁଲ୍ଲ କୁମାର ଦାସ, ଆଇନଜୀବି ଧୀରେନ୍ଦ୍ର ନାଥ ସାହୁ, ବିଦ୍ୟାଧର ଦାସ ଉପସ୍ଥିତ ଥିଲେ। ଶେଷରେ ଜୀତେନ୍ଦ୍ର ନନ୍ଦୀ ଧନ୍ୟବାଦ ଦେଇଥିଲେ।

# ରାଉରକେଲାରେ ଆଖଡ଼ା ଶୋଭାଯାତ୍ରା: ସାମିଲ ହେଲେ ଲୋକସଭା ଓ ବିଧାନସଭାର ପ୍ରାର୍ଥୀ



ରାଉରକେଲା, ୧୮/୪ (ନି.ପ୍ର): ଆଜି ସହରର ରାମନବମୀ ଶୋଭାଯାତ୍ରାକୁ ଆରକ୍ଷୀ ଅଧିକ୍ଷକ ତଥା ଡିଆଇଜି ବ୍ରିଜେଶ କୁମାର ରାୟ ନଡ଼ିଆ ଭାଙ୍ଗି ଉଦ୍?ଘାଟନ କରିବା ପରେ ଶୋଭାଯାତ୍ରା ବିର୍ସା ଛକଠାରୁ ଆରମ୍ଭ ହୋଇଥିଲା। ଡିଆଇଜି ଶ୍ରୀ ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି ଶୋଭାଯାତ୍ରାରେ ଶାନ୍ତି ବଜାୟ ରଖିବାକୁ ସମସ୍ତଙ୍କୁ ନିବେଦନ କରାଯାଇଛି। ରାମନବମୀ ଶୋଭାଯାତ୍ରା ସମସ୍ତଙ୍କ ପାଇଁ ଖୁସି ଆଣୁ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ୪୩ ଡିଗ୍ରି ରୌଦ୍ରତାପ ହେତୁ ଶୋଭାଯାତ୍ରା ଅପରାହ୍ନ ୩ଟା ସମୟରେ ଆରମ୍ଭ କରାଯାଇଥିଲା। ଶୋଭାଯାତ୍ରାକୁ ଆରମ୍ଭ କରିବା ସମୟରେ ଡିଆଇଜିଙ୍କ ବ୍ରିଜେଶ କୁମାର ରାୟଙ୍କ ସମେତ ରାଉରକେଲା ଭାଜପା ପ୍ରାର୍ଥୀ ଦିଲ୍ଲୀପ ରାୟ, ବିଜେଡି ନଗର ସଭାପତି ଗଗନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଶୋଭାଯାତ୍ରାରେ ଉଦିତନଗର କୁମ୍ଭାରପଡାର ବାବା ଶମ୍ଭୁନାଥ ଆଖଡା ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବେଳେ ମାଲଗୋଦାମର ରାଣା ପ୍ରତାପ ଆଖଡା, ଶିବାଜୀ ମାର୍ଗସ୍ଥିତ ଶିବାଜୀ ଆଖଡା, ବିର୍ସା ଡାହାର ରୋଡସ୍ଥିତ ଶ୍ରୀ ହନୁମାନ ଆଖଡା, ଜନତା ନିବାସ ଗଳିସ୍ଥିତ ନବ ଯୁବକ ସଂଘ ଆଖଡା, ଟ୍ୟାକ୍ସିଷ୍ଟାଣ୍ଡ ସମ୍ମୁଖ ବାବା ଭୂତନାଥ ଆଖଡା ଓ ଶିବଶକ୍ତି ଆଖଡା, ଡିଲକ୍ସ ଗଳିର ଜୟ ମହାକାଳ ଆଖଡା, ବିର୍ସା ଛକ ସ୍ଥିତ ମହାବୀର ଆଖଡା, ରାଉରକେଲା ବସ୍ ଷ୍ଟାଣ୍ଡ ସ୍ଥିତ ତ୍ରୀନାଥ ଆଖଡା, ଉଦିତନଗର ଦୂରସଞ୍ଚାର କାର୍ଯ୍ୟାଳୟ ସମ୍ମୁଖସ୍ଥିତ ବାବା ରୁଦ୍ର ଆଖଡା, ଡେଲି ମାର୍କେଟର ମା' ଦୁର୍ଗା ଆଖଡା, ଜି ଟି ଲେନ୍ ସ୍ଥିତ ବାବା ହନୁମାନ ସମିତିର ଆଖଡା ଏହି ଶୋଭାଯାତ୍ରାରେ ଭାଗନେଇ ବିଭିନ୍ନ ବାଜା ପାର୍ଟି ସହିତ ନିଜ ନିଜର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଖଡା ପ୍ରଦର୍ଶନ କରିଛନ୍ତି।

ମୁଖ୍ୟ ମାର୍ଗରେ ଶୋଭାଯାତ୍ରା ଯାଉଥିବା ସମୟରେ ବିଭିନ୍ନ ସଂଗଠନ ପକ୍ଷରୁ ଚଣା, ଫଳ, ତରଭୁଜ, ଖିଚୁଡି, ଦହି ସର୍ବତ୍, ହାଲୁଆ, ପକୋଡି, ଜୁସ୍ ଇତ୍ୟାଦି ବଣ୍ଟନ କରାଯାଉଥିବା ଦେଖାଯାଇଥିଲା। ଶୋଭାଯାତ୍ରା ସମୟରେ ସୁରକ୍ଷା ଦୃଷ୍ଟିରୁ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଶୋଭାଯାତ୍ରା ବିର୍ସା ଛକଠାରୁ ଉଦିତନଗର ଆମ୍ବେଦକର ଛକ ପର୍ଯ୍ୟନ୍ତ ପହଞ୍ଚିବା ପରେ ସେଠାରେ ଏହା ସମାପ୍ତ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ରାଉରକେଲା ଇଣ୍ଟିଗ୍ରେଟେଡ ଫୋରମ ପକ୍ଷରୁ ଆଖଡା ଖେଳ ପ୍ରଦର୍ଶନ କରୁଥିବା ଖେଳାଳୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଏମ୍ସ ଭୁବନେଶ୍ୱରରେ ଉନ୍ନତ କୃତ୍ରିମ ମୂତ୍ର ସ୍ଫିନ୍ଟର (ଏୟୁଏସ) ପ୍ରତିରୋପଣ ସେବା ଆରମ୍ଭ

ଭୁବନେଶ୍ୱର, ୧୮/୪ (ନି.ପ୍ର): ଗୁଣବତ୍ତାସମ୍ପନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରର ଖ୍ୟାତି ଅର୍ଜନ କରିଥିବା ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଏହାର ସଫଳତାରେ ଯୋଡ଼ିଛି ଆଉ ଏକ ଫର୍ଦ୍ଦ। ରାଜ୍ୟରେ ପ୍ରଥମକରି ଜଣେ ବ୍ୟକ୍ତିଙ୍କ ଶରୀରରେ କୃତ୍ରିମ ମୂତ୍ର ସ୍ଫିନ୍ଟର୍ସ (ଏୟୁଏସ) ପ୍ରତିରୋପଣ କରାଯାଇଛି। ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ହେବାର ଗୌରବ ଲାଭ କରିଛି।

ଏକ ସୁଦକ୍ଷ ଡ଼ାକ୍ତରୀ ଦଳ ଏହି ବିଶେଷ ପ୍ରତିରୋପଣ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଏହି ଅଭିନବ ସେବା ଗୁରୁତର ମୂତ୍ର ରୋଗରେ ପୀଡିତ ରୋଗୀଙ୍କ ପାଇଁ ନୂତନ ଆଶା ଏବଂ ଉନ୍ନତ ମାନର ଜୀବନ ପ୍ରଦାନ କରିବାରେ ସହାୟକ ହେବ। ପୂର୍ବରୁ ଏହି ପ୍ରତିରୋପଣ କେବଳ ଦେଶର ହାତଗଣତି କିଛି ବଡ଼ ସହରରେ ଉପଲବ୍ଧ ଥିଲା। ବର୍ତ୍ତମାନ ଏହା ଏମ୍ସ ଭୁବନେଶ୍ୱରରେ ଉପଲବ୍ଧ ହୋଇପାରିଛି। କୃତ୍ରିମ ୟୁରିନାରୀ ସ୍ଫିଙ୍କ୍ଟର ପ୍ରତିରୋପଣ ପ୍ରଣାଳୀ ମୂତ୍ର ରୋଗୀଙ୍କ ପାଇଁ ସର୍ବୋଚ୍ଚ (ସ୍ୱର୍ଣ୍ଣ ମାନକ) ଚିକିତ୍ସା ଭାବରେ ସ୍ୱୀକୃତିପ୍ରାପ୍ତ ଯାହା ପାରମ୍ପାରିକ ଚିକିତ୍ସା ପଦ୍ଧତିର ବିରୁଦ୍ଧାଚରଣ କରେନାହିଁ। ପ୍ରୋଷ୍ଟେଟ ସର୍ଜରୀ, ମେରୁଦଣ୍ଡରେ ଆଘାତ କିମ୍ବା ମୂତ୍ର ନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଭିନ୍ନ କାରଣରୁ ଅଧିକାଂଶ ବ୍ୟକ୍ତି ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି। ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରକ୍ରିୟାକୁ ବେଶ ପ୍ରଭାବିତ କରିଥାଏ। କୃତ୍ରିମ ୟୁରିନାରୀ ସ୍ଫିଙ୍କ୍ଟର ହେଉଛି ଏପରି ଏକ ଅତ୍ୟାଧୁନିକ ଉପକରଣ ଯାହାକି ମୂତ୍ରବାହିନୀରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏ। ଯାହାକି ଅନିୟନ୍ତ୍ରିତ ପରିସ୍ରାରୁ ମୁକ୍ତି ଦେବା ସହିତ ସାଧାରଣ ଜୀବନଯାପନ ପ୍ରକ୍ରିୟାକୁ ସ୍ୱାଭାବିକ କରିଥାଏ। ଅସ୍ୱାଭାବିକ ମୂତ୍ର ଅସନ୍ତୋଷ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ଏହି ସେବା ବିଶେଷ ଭାବରେ ପ୍ରସ୍ତୁତ ହୋଇଛି ଯାହାକି ଅତ୍ୟନ୍ତ ପ୍ରଭାବଶାଳୀ ଓ ଫଳପ୍ରଦ।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ . ଆଶୁତୋଷ ବିଶ୍ୱାସ ଏହି ଅତ୍ୟାଧୁନିକ ଆର୍ଟିଫିସିଆଲ୍ ୟୁରିନାରୀ ସ୍ଫିନ୍ଟର ପ୍ରତିରୋପଣ ସେବା ଆରମ୍ଭରେ ଖୁସି ବ୍ୟକ୍ତ କରିବା ସହିତ ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ୟୁରୋଲୋଜୀ ବିଭାଗକୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ରାଜ୍ୟ ତଥା ପୂର୍ବ ଭାରତର ଲୋକମାନେ ଏହି ସେବା ପାଇପାରିବେ, ଯେଉଁଥିପାଇଁ ସେମାନଙ୍କୁ ପୂର୍ବରୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଥିଲାବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି।

ଏମ୍ସ ଭୁବନେଶ୍ୱରରେ ଏହି ପ୍ରତିରୋପଣ କାର୍ଯ୍ୟକ୍ରମ ଦକ୍ଷ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଧୁରିଣ ୟୁରୋଲୋଜିଷ୍ଟ ଏବଂ କୁଶଳୀ ସର୍ଜନଙ୍କ ଏକ ଦଳ ଦ୍ୱାରା ପରିଚାଳିତ ହେବ। ଏମ୍ସ ଭୁବନେଶ୍ୱରରେ ଆଣ୍ଡ୍ରୋଲୋଜି ଚିକିତ୍ସା ଯୋଗାଉଥିବା ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ସମ୍ବିତ ତ୍ରିପାଠୀଙ୍କ ମତରେ ଏହି ପ୍ରତିରୋପଣ ସେବା ଆରମ୍ଭ କରିବା ବ୍ୟାପକ ତଥା ଉନ୍ନତ ଚିକିତ୍ସା ଚିକିତ୍ସା ପ୍ରଦାନ ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରମୁଖ ପରିଚୟ ଅଟେ। ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକ କହିଛନ୍ତି ଯେ ଆମେ ଆମର ରୋଗୀଙ୍କୁ ସର୍ବୋତମ ସମ୍ଭାବ୍ୟ ଫଳାଫଳ ପ୍ରଦାନ କରିବା ଏବଂ ସେମାନଙ୍କ ନିତିଦିନିଆ ଜୀବନଶୈଳୀରେ ବ୍ୟାପକ ପରିବର୍ତନ ଆଣିବା ପାଇଁ ଉତ୍ସର୍ଗୀକୃତ। ଏହି ସେବା ଆରମ୍ଭ କରିବାରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ପ୍ରେରଣା ନିମନ୍ତେ ଆମେ କୃତଜ୍ଞ।ଏମ୍ସ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ଏହି ଅବସରରେ ୟୁରୋଲୋଜି ବିଭାଗର ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଏହି ନୂତନ ସେବା ମଧରେ କରାଯାଇଥିବା ସମସ୍ତ ପ୍ରକ୍ରିୟା ପାଇଁ ସର୍ବୋଚ୍ଚ ନିରାପତା ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଉପଲବ୍ଧ ରହିଛି। ରୋଗୀମାନଙ୍କୁ ପ୍ରତିରୋପଣ ପରବର୍ତୀ ପୁନରୁଦ୍ଧାର ପ୍ରକ୍ରିୟାରେ ସହାୟତା କରିବା ପାଇଁ ଡାକ୍ତରଖାନା ପକ୍ଷରୁ ନିୟମିତ ଯାଂଚ ଏବଂ ସହାୟତା ପ୍ରଦାନ ନିମନ୍ତେ ସୁବନ୍ଦୋବସ୍ତ କରାଯାଇଛି।

ଏମ୍ସ ଭୁବନେଶ୍ୱରରେ ଆର୍ଟିଫିସିଆଲ୍ ୟୁରିନାରୀ ସ୍ଫିନ୍ଟର ପ୍ରତିରୋପଣ ସେବା ବିଷୟରେ ଅଧିକ ସୂଚନା କିମ୍ବା ଏନେଇ ପରାମର୍ଶ କରିବାକୁ ଚାହୁଁଥିବା ରୋଗୀମାନେ ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ସହିତ ଯୋଗାଯୋଗ କରିପାରିବେ।

# ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ମହିଳାଙ୍କ ସହ ପୁଅ ଝିଅ ହେଲପିଙ୍ଗ ଗ୍ରୁପ ଦ୍ୱାରା ଉଦ୍ଧାର

କୋରେଇ, ୧୮/୪ (ନି.ପ୍ର): ସ୍ୱାମୀଙ୍କ ନିର୍ଯ୍ୟାତନା ଅସହ୍ୟ ହେବାରୁ ନିଜର ଦୁଇ ସନ୍ତାନଙ୍କ ସହ ଆତ୍ମହତ୍ୟା କରିବାକୁ ଯାଉଥିବା ମହିଳାଙ୍କୁ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମାନଙ୍କ ଦ୍ୱାରା ଉଦ୍ଧାର କରାଯାଇ ପାଣିକୋଇଲି ପୁଲିସ ସହାୟତାରେ ଆପୋଷ ସମାଧାନ କରାଯାଇଛି। ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ମତାବାଜ ଗ୍ରାମର ରସାନନ୍ଦ ସାହୁଙ୍କ ପତ୍ନୀ ପ୍ରମିଳା ନିଜର ଗୋଟିଏ ଝିଅ (୧୧) ଓ ପୁଅ ନିରଂଜନ(୬)କୁ ସାଙ୍ଗରେ ଧରି ପାଣିକୋଇଲିର ଏକ ସାର ଓ କୀଟନାଶକ ଦୋକାନକୁ ଆସି ବିଷ ମାଗିଥିଲେ। ତେବେ ଦୋକାନର ମାଲିକ ବିରଂଚି କୁମାର ବିଶ୍ୱାଳଙ୍କ ସନ୍ଦେହ ହେବାରୁ ସେ ତାଙ୍କୁ ସମସ୍ତ ବିଷୟ ପଚାରି ବୁଝିଥିଲେ। ପରେ ତାଙ୍କୁ କୀଟନାଶକ ନ ଦେଇ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସଙ୍କୁ ଜଣାଇଥିଲେ। ପରେ ଅଶୋକ ନିଜ ସହକର୍ମୀ ମାନଙ୍କୁ ଜଣାଇବା ପରେ ଉକ୍ତ ମହିଳାଙ୍କୁ ଉଦ୍ଧାର କରି ପାଣିକୋଇଲି ପୁଲିସ ମାଧ୍ୟମରେ ନେଇ ତା ପରିବାର ନିକଟରେ ପହଂଚାଇବା ସହିତ ପରିବାର ଲୋକଙ୍କ ସହିତ ଆପୋଷ ସମାଧାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହେଲପିଙ୍ଗ ଗ୍ରୁପର ଅଶୋକ ବଳ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, କୁନା ମହୀ, ପ୍ରିୟାଂଶୁ ଦାସ, ରଶ୍ମୀରଂଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। କୀଟନାଶକ ଦୋକାନ ମାଲିକ ଶ୍ରୀ ବିଶ୍ୱାଳଙ୍କ ସମେତ ହେଲପିଙ୍ଗ ଗ୍ରୁପର ସମୟାନୁବର୍ତୀ ପଦକ୍ଷେପ ଲାଗି ତିନଟି ମୂଲ୍ୟବାନ ଜୀବନ ବଂଚିଯାଇଥିଲା। ଫଳରେ ଗ୍ରୁପର ଏଦାଦୃଶ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରସଂଶା କରାଯାଇଛି।

# ଏସ୍‌ସିବିରେ ୧୧ତମ କାଡାଭରିକ୍ କିଡ୍‌ନି ପ୍ରତିରୋପଣ: ରାଜୀବ ପାଇଲେ ନୂଆ ଜୀବନ



କଟକ, ୧୮/୪ (ନି.ପ୍ର): ଏସ୍‌ସିବିରେ ଆଜି ପୁଣି ଏକ କାଡାଭରିକ୍ କିଡ୍‌ନି ପ୍ରତିରୋପଣ କରାଯାଇଛି। ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସଂଯୁକ୍ତା ପାତ୍ର(୫୦)ଙ୍କୁ ମସ୍ତିଷ୍କ ମୃତ ଘୋଷଣା ପରେ ପରିବାର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ତାଙ୍କର ଦୁଇଟି କିଡ୍‌ନି ଓ ଲିଭର କଢ଼ାଯାଇଥିଲା। ୨ଟି କିଡ୍‌ନିରୁ ଗୋଟିଏ ଏସ୍‌ସିବିକୁ ଆସିଥିଲା। ଅନ୍ୟଟି ଘରୋଇ ହସ୍ପିଟାଲ ସମ୍‌ରେ ଅନ୍ୟଜଣଙ୍କଠାରେ ପ୍ରତିରୋପଣ କରାଯାଇଛି। ତେବେ ଲିଭର ହାଇଦ୍ରାବାଦସ୍ଥିତ ଏଆଇଜି ହସ୍ପିଟାଲକୁ ପଠାଯାଇଛି। ଗ୍ରିନ୍ କରିଡରରେ କିଡନିକୁ ଏସ୍‌ସିବିକୁ ଆଣାଯିବା ପରେ ଏସ୍‌ସିବିରେ ରାତିରେ ୟୁରୋଲୋଜି ବିଭାଗ ଓଟିରେ ତିଗିରିଆର ରାଜୀବ ଦାସ(୪୨)ଙ୍କ ଶରୀରରେ କିଡ୍‌ନି ପ୍ରତିରୋପଣ କରାଯାଇଛି। ଆଜିର ପ୍ରତିରୋପଣକୁ ମିଶାଇଲେ ଏସ୍‌ସିବିରେ ଆଜି ସୁଦ୍ଧା ୧୧ଟି କାଡାଭରିକ୍ କିଡ୍‌ନି ପ୍ରତିରୋପଣ କରାଯାଇଛି। କଟକ ଜିଲ୍ଲା ତିଗିରିଆର ରାଜୀବ ଦୁଇ ବର୍ଷ ହେବ କିଡ୍‌ନି ସମସ୍ୟା ଯୋଗୁଁ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। ତାଙ୍କର ଏସ୍‌ସିବି ନେଫ୍ରୋଲୋଜି ବିଭାଗରେ ଡାଏଲିସିସ୍ ହେଉଥିଲା। ଏବେ ତିଗିରିଆରେ ଡାଏଲିସିସ୍ କେନ୍ଦ୍ର ଖୋଲାଯିବା ପରେ ସେଠାରେ ତାଙ୍କର ଡାଏଲିସିସ୍ କରାଯାଉଥିଲା। ଆଜି ତାଙ୍କର କ୍ରସ୍ ମ୍ୟାଚ କରାଯିବାପରେ ରାତିରେ ଏସ୍‌ସିବିରେ କିଡ୍‌ନି ପ୍ରତିରୋପଣ କରାଯାଇଛି। ୟୁରୋଲୋଜି ବିଭାଗ ମୁଖ୍ୟ ଡାକ୍ତର ସମୀର ରଞ୍ଜନ ସ୍ୱାଇଁ, ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଡାକ୍ତର ସଞ୍ଜୟ ଚୌଧୁରୀ, ଡାକ୍ତର ରାଜେଶ ରାଉତରାୟଙ୍କ ସମେତ୍ ଟିମ୍ ଭୁବନେଶ୍ୱରର ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚି ସସ୍ତିଷ୍କ ମୃତ ମହିଳାଙ୍କ ଶରୀରରୁ କିଡ୍‌ନିକୁ ବାହାର କରିବା ସହ ଏସ୍‌ସିବିକୁ କିଡ୍‌ନି ଅଣାଯାଇ ରାଜୀବଙ୍କ ଶରୀରରେ ପ୍ରତିରୋପଣ କରିଛନ୍ତି। ପ୍ରତିରୋପଣ ପରେ ରୋଗୀ ସୁସ୍ଥଥିବା ଡାକ୍ତର ସମୀର ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

# ଗଛ କଟାକୁ ବିରୋଧ କଲେ ଗ୍ରାମବାସୀ: ଅନୁମତି ପତ୍ର ଦେଖାଇ ପାରିଲାନି ବନ ବିଭାଗ

ରାଇରଙ୍ଗପୁର, ୧୮/୪ (ନି.ପ୍ର): ମୟୂରଭଂଜ ଜିଲ୍ଲା ବହଳଦା ବନବିଭାଗ ପକ୍ଷରୁ ଗଛ କଟାକୁ ବିରୋଧ କଲେ ଗ୍ରାମବାସୀ। କାଟିବା ପାଇଁ ଅନୁମତି ପତ୍ର ଦେଖାଇ ପାରିଲାନି ବନ ବିଭାଗ। ଏନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଜଙ୍ଗଲ ବଢ଼ାଇବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜଙ୍ଗଲର ରକ୍ଷକ ବେଆଇନ ଭାବେ ଗଛ କାଟି ଚାଲାଣ କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ବହଳଦା ବନାଞ୍ଚଳ ବ୍ରାହ୍ମଣବୋଷ ଶାଳ ଜଙ୍ଗଲରେ ଏଭଳି ଘଟଣା ଦେଖିବାକୁ ମିଳି ଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବହଳଦା ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ କିଛି ସବୁଜ ବାହିନୀ ଗଛ କାଟି ଟ୍ରାକ୍ଟର ଯୋଗେ ନେଇ ଯାଉଥିବା ବେଳେ ଗ୍ରାମବାସୀ ବିରୋଧ କରି ଥିଲେ। ଯାହାଫଳରେ ତାଙ୍କ ଭିତରେ ଯୁକ୍ତି ତର୍କ ହୋଇ ଥିଲା। କିନ୍ତୁ ଗ୍ରାମବାସୀ ବନ ବିଭାଗକୁ କାଟି ଥିବା ଗଛ ନେବା ପାଇଁ ଦେଇନଥିଲେ। ତେବେ ସାଧାରଣ ଲୋକଙ୍କ ପାଇଁ ଗୋଟେ ଆଇନ ରହିଥିବା ବେଳେ ବନବିଭାଗ କିପରି ଭାବରେ ନେଇଯାଉଛି ତାକୁ ନେଇ ଗ୍ରାମବାସୀଙ୍କ ମଧରେ ଉତ୍ତେଜନା ଦେଖା ଯାଇଥିଲା। ଗ୍ରାମବାସୀ ବନବିଭାଗ ଏସିଏଫ୍ ?ଙ୍କ ସହିତ ସମସ୍ତ ବନକର୍ମ ଚାରୀଙ୍କୁ ଅଟକ ରଖିଥିଲେ। ଫଳରେ ଏସିଏଫ୍ ?ଙ୍କ ସହ ମଧ ଅସନ୍ତୋଷ ଦେଖା ଯାଇଥିଲା। ଏନେଇ ରେଞ୍ଜରକୁ ପଚାରିବାରୁ ସେ ଉତ୍ତର ରଖିଥିଲେ ଆମ ପାଖରେ ସମସ୍ତ ପ୍ରକାର ପର୍ମିସନ ଅଛି। ଉପରିସ୍ଥ ଅଧିକାରୀଙ୍କୁ ମଧ ଅବଗତ କରିଛୁ ବୋଲି ଗଣମାଧମ ଆଗରେ ପ୍ରତିକ୍ରିୟା ରଖି ଥିଲେ। କିନ୍ତୁ କୌଣସି ପର୍ମିସନ ଦେଖେଇ ନଥିଲେ। ଘଟଣାସ୍ଥଳରୁ ଆମ୍ଭେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କୁ ଗଣମାଧମ ପ୍ରତିନିଧି ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ ଉତ୍ତର ରଖିଥିଲେ। ମୁଁ ଏ ବିଷୟରେ ଅବଗତ ନାହିଁ ବୋଲି ପ୍ରତିକ୍ରିୟା ରଖିଛନ୍ତି।

# କାହିଁକି ଚାପଗ୍ରସ୍ତ ଆମ ଯୁବପିଢି ? ଜାଣନ୍ତୁ ସମାଧାନର ବାଟ

**ବର୍ତ୍ତମାନ ଆମେ ଏପରି ଏକ ସ୍ଥିତିର ପହଞ୍ଚିଛନ୍ତି, ଯେଉଁ ସମୟରେ ଚାପ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା। ଚାପ ଏବେ ଅନେକ ରୋଗର ମୁଖ୍ୟ କାରଣ ପାଲଟିଛି। ୧୮ ରୁ ୪୫ ବର୍ଷ ବୟସର ଯୁବପିଢି ଭୋଗୁଥିବା ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ଚାପ। ତେବେ ଆମ ଯୁବପିଢିଙ୍କ ଚାପଗ୍ରସ୍ତର କାରଣ କଣ ହୋଇପାରେ, ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରାର୍ଥକ୍ୟ ଏବଂ କିପରି ଏହାର ସମାଧାନ କରାଯାଇ ପାରିବ, ଜାଣନ୍ତୁ...**



*ଚାପ କ'ଣ ?*

ଚାପ ହେଉଛି ଏକ ପ୍ରାକୃତିକ ପ୍ରତିକ୍ରିୟା, ଯାହା ବିଭିନ୍ନ କାରଣରୁ ହୋଇପାରେ, ଯେପରିକି କାର୍ଯ୍ୟ, ସମ୍ପର୍କ, ଆର୍ଥିକ ଅସୁବିଧା କିମ୍ୱା ଜୀବନର ପ୍ରମୁଖ ପରିବର୍ତ୍ତନ। ଯେତେବେଳେ ଆମେ ଚାପର ସମ୍ମୁଖୀନ ହୋଇଥାଉ, ଏହା ଶାରୀରିକ ଏବଂ ମାନସିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହି ପ୍ରତିକ୍ରିୟାଗୁଡ଼ିକ ଟେନସନ, ଚିନ୍ତା, କିମ୍ୱା ଅତ୍ୟଧିକ ଭାବନା ପରି ଦେଖାଯାଏ।

ଚାପଗ୍ରସ୍ତ ହେଲେ ଶରୀର କର୍ଟିସୋଲ ଏବଂ ଆଡ୍ରେନାଲିନ୍ ପରି ହରମୋନ ମୁକ୍ତ କରିଥାଏ। ଏହି ହରମୋନ ହୃଦସ୍ପନ୍ଦନ ଏବଂ ରକ୍ତଚାପ ବୃଦ୍ଧିକରେ, ଫଳରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ।

ଆପୋଲୋ ହସ୍ପିଟାଲ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁସାରେ, ପ୍ରତି ୧୧,୦୦୦ ଲୋକଙ୍କ ମଧ୍ୟରୁ ପ୍ରାୟ ୮୦% ଲୋକ କ୍ରନିକ୍ ଚାପରେ ପୀଡିତ। ଏହି ରିପୋର୍ଟରେ କୁହାଯାଇଛି ଯେ, ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରି ଅଣସଂକ୍ରାମକ ରୋଗ (ଘଉଉଷ୍ପ) ସହ ଚାପର ସିଧାସଳଖ ଲିଙ୍କ ରହିପାରେ। ବାସ୍ତବରେ, ଏହା ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗକୁ ୧.୩ରୁ ୨ ଗୁଣ ବଢାଇଥାଏ।

*କେଉଁ କାରଣର ଆମେ ଅଧିକ ଅଧିକ ଚାପଗ୍ରସ୍ତ ?*

ବିଶେଷଜ୍ଞଙ୍କ କହିବା ଅନୁସାରେ, ଚାପର ବିଭିନ୍ନ କାରଣ ମଧ୍ୟରୁ ମୁଖ୍ୟ କାରଣ ହେଉଛି ଏକାଡେମିକ୍ ଚାପ, ଆର୍ଥିକ ଚିନ୍ତା ଏବଂ କ୍ୟାରିୟର ଅନିଶ୍ଚିତତା। ଅନ୍ୟାନ୍ୟ ଚିନ୍ତା, ଯାହା ଯୁବପିଢିଙ୍କୁ ରୋଗ ବିପଦରେ ପକାଇଥାଏ ତାହା ହେଉଛି ସୋଶାଲ ମିଡିଆରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିବା ଏବଂ ଜୀବନ ସାଥୀ ଓ ପରିବାର ସମସ୍ୟା।

ଅଧିକାଂଶ ଲୋକ ଭାବନ୍ତି ଯେ, ଚାପଗ୍ରସ୍ତର ଅର୍ଥ ମସ୍ତିଷ୍କ ଉପରେ ପ୍ରଭାବ ପଡିବା। ବାସ୍ତବରେ ଏହା ନୁହେଁ, ଚାପ ସମଗ୍ର ଶରୀରକୁ ପ୍ରଭାବିତ କରିପାରେ। ନିୟମିତ ଭାବେ କର୍ଟିସୋଲ ହରମୋନ ରିଲିଜ୍ ହେଲେ ସ୍ୱାସ୍ଥ୍ୟ ଉପରେ ଏହାର ଗମ୍ଭୀର ପ୍ରଭାବ ପଡେ। କର୍ଟିସୋଲ କାରରୁ ଶରୀରରେ ଚର୍ବି ଜମାଟ(ବିଶେଷ କରି ପେଟ), ଓଜନ ବୃଦ୍ଧି, ଇନସୁଲିନ୍ ପ୍ରତିରୋଧ, ମେଟାବୋଲିକ୍ ଡିସଫଙ୍କସନ, ମଧୁମେହ ଏବଂ ଉଚ୍ଚ ରକ୍ତଚାପର ଆଶଙ୍କା ବଢିଥାଏ। ଏହି ହରମୋନ କାରଣରୁ ମଧ ଠିକ୍ ନିଦ ହୋଇନଥାଏ।

*ମହିଳା ଓ ଚାପ*

୨୦୨୪ ଆପୋଲୋ ହସ୍ପିଟାଲ୍ ରିପୋର୍ଟ ଅନୁଯାୟୀ, ମହିଳାମାନେ ହିଁ ଅଧିକ ଚାପଗ୍ରସ୍ତ ହୁଅନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଦର୍ଶାଇଛନ୍ତି ଯେ, ଜୈବିକ, ମାନସିକ ଏବଂ ସାମାଜିକ କାରଣଗୁଡ଼ିକ ଏଥିପାଇଁ ମୁଖ୍ୟତଃ ଭାବେ ଦାୟୀ। ମହିଳାଙ୍କ ଶରୀରରୁ ରିଲିଜ୍ ହେଉଥିବା ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରନ୍ ହରମୋନ ଚାପର ପ୍ରତିକ୍ରିୟାକୁ ପ୍ରଭାବିତ କରିପାରେ। ଅଧ୍ୟୟନରୁ ଜଣାପଡିଛି ଯେ, ମାସିକ ଋତୁଚକ୍ର, ଗର୍ଭାବସ୍ଥା ଏବଂ ମେନୋପଜ୍ ସମୟରେ ଏହି ହରମୋନଗୁଡ଼ିକର ପରିବର୍ତ୍ତନ କାରଣରୁ ମହିଳାମାନେ ଅଧିକ ଚାପଗ୍ରସ୍ତ ହୋଇପାରନ୍ତି। ଅନୁସନ୍ଧାନରୁ ଆହୁରି ଜଣାଯାଇଛି ଯେ, ଚାପ ସମୟରେ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖାଯାଏ।

*ସମାଧାନ କ'ଣ ?*

ବିଶେଷଜ୍ଞଙ୍କ କହିବା ଅନୁସାରେ, ନିୟମିତ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବା ଏବଂ ପୋଷକତତ୍ତ୍ୱରେ ଭରପୂର ସନ୍ତୁଳିତ ଖାଦ୍ୟ ବଜାୟ ରଖିବା ଦ୍ୱାରା ଚାପରୁ ମୁକ୍ତି ମିଳିପାରିବ। ଶାରୀରିକ ବ୍ୟାୟାମ ଫଳରେ ଏଣ୍ଡୋରଫିନ ରିଲିଜ୍ ହୋଇଥାଏ। ଏହି ହରମୋନ ମନୋବଳକୁ ଦୃଢ କରିବା ସହ ସୁସ୍ଥତା ବଜାୟ ରଖିଥାଏ।

କେତେକ ଖାଦ୍ୟ ଅଛି, ଯେପରିକି ଓମେଗା-୩ ଫ୍ୟାଟି ଏସିଡ୍ ଚାପ ହରମୋନ ଉତ୍ପାଦନକୁ ହ୍ରାସ କରିପାରେ। ଏହା ବ୍ୟତୀତ, ପ୍ରିୟଜନଙ୍କ ସହ ବାର୍ତ୍ତାଳପ, ବନ୍ଧୁମାନଙ୍କ ସହ ସମୟ ବିତାଇବା ଏବଂ ସଙ୍ଗୀତ ସାହାଯ୍ୟରେ ମଧ ଚାପକୁ ଦୂର କରାଯାଇ ପାରିବ।

# କେଉଁ ବାରରେ ନୂଆ ଲୁଗା ପିନ୍ଧିବା ଅଶୁଭ

**ଓଡ଼ିଆ ପରମ୍ପରାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ଆଉ ସବୁ ପର୍ବରେ ପ୍ରାୟ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି। ବିଶେଷ କରି ଘରର ମହିଳାମାନେ ସବୁ ପୂଜା ପାର୍ବଣରେ ନୂଆ ଲୁଗା ପିନ୍ଧିଥାନ୍ତି। ହେଲେ ଆପଣ ଜାଣନ୍ତି, ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସପ୍ତାହରେ ସବୁ ବାରରେ ନୂଆ ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ। କିଛି ବାର ଏମିତି ଅଛି ଯେଉଁଥିରେ ନୂଆ ପିନ୍ଧିବା ଅଶୁଭ। ତେବେ ଆସନ୍ତୁ ଏ ସମ୍ପର୍କରେ ଟିକେ ଅଧିକ ଜାଣିବା।**

**ସୋମବାର:** ଯଦି ମହିଳାମାନେ ସୋମବାର ଦିନ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ତାଙ୍କର ଉନ୍ନତି ହେବ, କ୍ୟାରିୟରରେ ସଫଳତା ପାଇବେ।

**ମଙ୍ଗଳବାର:** ଏହି ଦିନ ମହିଳାମାନେ ନୂଆ ବସ୍ତ୍ର ପିନ୍ଧିଲେ ସେମାନଙ୍କର ଆୟୁଷ କମିଯାଏ। କିନ୍ତୁ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ବୁଧବାର:** ଏହିଦିନ ଯଦି ମହିଳାମାନେ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ସେମାନଙ୍କୁ ସୌଭାଗ୍ୟ ଫଳ ପ୍ରାପ୍ତି ହୋଇଥାଏ ଏବଂ ସମାଜରେ ତାଙ୍କର ମାନ ସମ୍ମାନ ଓ ପ୍ରତିଷ୍ଠା ମଧ ବଢ଼ିଥାଏ।

**ଗୁରୁବାର:** ସେହିଭଳି ଗୁରୁବାର ଦିନ ନୂଆ ବସ୍ତ୍ର ପିନ୍ଧି ମହିଳାମାନେ ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ମାଆ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ତାଙ୍କ ଘରେ କେବେ ହେଲେ ଧନ ଅଭାବ ଦେଖା ଦିଏନାହିଁ।

**ଶୁକ୍ରବାର:** ଶୁକ୍ରବାର ଦିନ ନୂତନ ବସ୍ତ୍ର ପିନ୍ଧିବା ଦ୍ୱାରା ମହିଳାମାନଙ୍କୁ ତାଙ୍କ କର୍ମ କ୍ଷେତ୍ରରେ ବହୁ ପ୍ରଶଂସା ମିଳିବା ସହ ପଦୋନ୍ନତି ମଧ ପ୍ରାପ୍ତ ହୋଇଥାଏ।

**ଶନିବାର:** ଯଦି ମହିଳାମାନେ ଶନିବାର ଦିନ ନୂଆ ବସ୍ତ୍ର ପରିଧାନ କରନ୍ତି ତେବେ ତାଙ୍କ ଶରୀର ଅସୁସ୍ଥ ହେବା ସହ ଦୁର୍ଭାଗ୍ୟର ଶିକାର ହୋଇଥାନ୍ତି।

**ରବିବାର:** ମହିଳାମାନେ ରବିବାର ଦିନ ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଅର୍ଥ ହାନି ହେବା ସହ ଦାରିଦ୍ର୍ୟତା ମାଡ଼ି ଆସିଥାଏ। ଏହା ବ୍ୟତୀତ ସେହି ନୂଆ ବସ୍ତ୍ରଟି ଶୀଘ୍ର ନଷ୍ଟ ହୋଇଯାଇଥାଏ।



# ଅଧିକ ଚା' ପିଇଲେ ଭୋଗିପାରନ୍ତି ଏହି ସମସ୍ୟା, ମେଦବହୁଳତା ବଢ଼ିଥାଏ



ଭାରତ ସମେତ ବିଶ୍ୱର ଅନେକ ସ୍ଥାନରେ ଲୋକମାନେ ସକାଳୁ ସକାଳୁ ଚା ପିଇଥାନ୍ତି । ଦିନସାରା ଅନେକ କପ୍ ଚା ପିଇବାକୁ ଇଚ୍ଛା କରନ୍ତି । ଯେତେବେଳେ ଅଫିସରେ ଚା ପିଇବା ବିଷୟରେ ପଚରାଗଲା, ଏହାକୁ 'ନା' କେହି କହିପାନ୍ତି ନାହିଁ।

ତଥାପି, ଅଧିକାଂଶ ଲୋକ ଚା 'ସହିତ ପ୍ରେମ କରୁଥିବା ଲୋକ ଦୂରେଇ ରୁହନ୍ତି। ଏହାର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତି ପହଞ୍ଚାଇପାରେ । ଏଭଳି ପରିସ୍ଥିତିରେ ଏହି ଚା ପିଇବାର ସୀମା କ'ଣ ଜାଣିବା ଜରୁରୀ ଅଟେ।

ଚା'ରେ କଫିନ୍ ଏବଂ ବିଶୋଧିତ ଚିନି ରହିଥାଏ। ଏହି ଦୁଇଟି ଜିନିଷ ସ୍ୱାସ୍ଥ୍ୟ ପାଇଁ ଭଲ ବିବେଚନା କରାଯାଏ ନାହିଁ । ଯଦି ଆପଣ ଦିନରେ ୫ ରୁ ୧୦ କପ୍ ଚା ପିଉଛନ୍ତି। ତେବେ ଏହା ଭୁଲ୍ ? ହୋଇଥାଏ। ଆପଣ ନିଜକୁ କ୍ଷତି ପହଞ୍ଚାଉଛନ୍ତି, ଏପରି ପରିସ୍ଥିତିରେ ସତର୍କ ରହିବା ଆବଶ୍ୟକ । ଚା 'ପିଇବା କ୍ଷତିକାରକ ନୁହେଁ। ଏହା ଆପଣଙ୍କୁ ସତେଜ କରିବାରେ ଏବଂ ଚାପରୁ ମୁକ୍ତି ଦେଇଥାଏ। କିନ୍ତୁ ଯଦି ଆପଣ ଏହା ଅଧିକ ମାତ୍ରାରେ ପିଅନ୍ତି । ତାହାଲେ ପେଟ ରୋଗ ଠାରୁ ହୃଦଘାତ ଭଳି ସମସ୍ୟା ହୋଇପାରେ।

ଭାରତରେ ଚା'ରେ ଚିନି ମିଶ୍ରଣ କରିବାର ଅଭ୍ୟାସ ବହୁତ ଅଧିକ। ଯଦି ଆପଣ ଦିନସାରା ଅନେକ କପ୍ ଚା ପିଅନ୍ତି। ତେବେ ଚିନି ଅଧିକ ଖାଇବା ଦ୍ୱାରା ରୋଗ ହୋଇଥାଏ। ଏପରି ପରିସ୍ଥିତିରେ, ଆପଣଙ୍କର ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଇଥାଏ ଏବଂ ମଧୁମେହ ହେବାର ଆଶଙ୍କା ସୃଷ୍ଟି ହୋଇପାରେ ।

ଆମ ମଧ୍ୟରୁ ଅଧିକାଂଶ ସଚେତନ ଯେ ଅଧିକ ଚିନି ଖାଇବା ଦ୍ୱାରା ଚର୍ବିରେ ପରିଣତ ହୁଏ। ଯେଉଁ କାରଣରୁ ମେଦବହୁଳତା ବଢିଥାଏ ଏବଂ ତାପରେ ଚର୍ବି ପେଟରେ ଫୁଲିବା ଆରମ୍ଭ କରେ । ଏହା ଓଜନ ହ୍ରାସ କରିବା କଷ୍ଟକର କରିଥାଏ ।

ଯଦି ଆପଣଙ୍କ ମନରେ ଏହି ପ୍ରଶ୍ନ ଉଠିଛି ଯେ ଦିନରେ କେତେ କପ୍ ଚା ପିଇବା ଉଚିତ୍। ତେବେ ଆପଣ ପ୍ରତିଦିନ୨-୩ କପ୍ ଚା ପିଇ ପାରିବେ। ତାହା ମଧ ସୀମିତ ପରିମାଣର ଚିନି ସହିତ । ଯେଉଁମାନେ ଏହି ଅଭ୍ୟାସକୁ ନିୟନ୍ତ୍ରଣ କରିବାରେ ସକ୍ଷମ ନୁହଁନ୍ତି, ସେମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସାମ୍ନା କରିବାକୁ ପଡିପାରେ।

# ଗରମ ଭାତ ସହ ଖାଆନ୍ତୁ ମାଛ ପୋସ୍ତ



ସାମଗ୍ରୀ: ମାଛ, ହଳଦୀ ଗୁଣ୍ଡ, କଞ୍ଚା ଲଙ୍କା, ପୋସ୍ତ, ଅଦାରସୁଣ ବଟା, କଟା ପିଆଜ, କଟା ଟମାଟୋ, ଲଙ୍କା ପାଉଡର, ଧନିଆପାତ୍ର, ଗରମ ମସଲା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ସେଥିରେ ଲୁଣ, ହଳଦୀ ଗୋଳାଇ ଏକ ପାତ୍ରରେ ରଖନ୍ତୁ। ପରେ ପ୍ୟାନରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ମାଛକୁ ଛାଣନ୍ତୁ। ମାଛ ଛାଣି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ ପ୍ୟାନରେ ପୁଣି ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଅଦା,ରସୁଣ ପେଷ୍ଟ ଓ କଟା କଞ୍ଚା ଲଙ୍କା ପକାଇ କିଛି ସମୟ କଷନ୍ତୁ। ପରେ ସେଥିରେ କଟା ଟମାଟୋ,ଲଙ୍କା ପାଉଡର,ହଳଦୀ ଗୁଣ୍ଡ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ କଷନ୍ତୁ। ମସଲା କଷି ହେବାପରେ ସେଥିରେ ପୋସ୍ତ ବଟାକୁ ପକାଇ କଷନ୍ତୁ। ମସଲା କଷି ହେବାପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ। ପରେ ମସଲାକୁ କିଛି ସମୟ ପାଇଁ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପରେ ସେଥିରେ ଭାଜି ରଖିଥିବା ମାଛକୁ ପକାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ମାଛ ପୋସ୍ତ। ପରେ ସେଥିରେ ଧନିଆ ପତ୍ର ପକାଇ ଦିଅନ୍ତୁ। ଏହାକୁ ଆପଣ ରୁଟି କିମ୍ବା ଭାତ ସହ ଖାଇପାରିବେ।

# ଅନ୍ୟର ଏହି ୩ଟି ଜିନିଷ ବ୍ୟବହାର କରନ୍ତୁ ନାହିଁ: ନଚେତ ହୋଇଯିବେ କାଙ୍ଗାଳ



ସାଧାରଣତଃ ସମ୍ପର୍କ ନିବିଡ଼ ହେଲେ ପରସ୍ପର ମଧ୍ୟରେ ଘନିଷ୍ଠତା ବଢ଼ିଥାଏ। ଏହାଦ୍ୱାରା ଭାବର ଆଦାନ ପ୍ରଦାନ ସହ ଉଭୟ ପରସ୍ପର ସହ ସହଜ ଅନୁଭବ କରିଥାନ୍ତି। ଏଥିସହ ପରସ୍ପରର ଜିନିଷ ମଧ ବ୍ୟବହାର କରିଥାନ୍ତି। ମାତ୍ର ଏପରିକି କିଛି ଜିନିଷ ଅଛି ଯାହାକି ନିଜର ହିଁ ବ୍ୟବହାର କରିବା ଭଲ। ଏପରି ଜିନିଷ ଅନ୍ୟର ବ୍ୟବହାର କରିବା ଦ୍ୱାରା ମାଡ଼ିଆସେ ଆର୍ଥିକ ସଙ୍କଟ । ପିଛା ଛାଡ଼ୁନି ସମସ୍ୟା। ଏପରିକି ଏହାଦ୍ୱାରା ଆପଣଙ୍କ ଖରାପ ଦିନ ଆରମ୍ଭ ହୁଏ ବୋଲି ବିବେଚନା କରାଯାଏ ।

ଜାଣି ରଖନ୍ତୁ କ'ଣ ଏହି ୩ଟି ଜିନିଷ, ଯାହାକୁ କେବେ ବି ଅନ୍ୟର ବ୍ୟବହାର କରିବା ଉଚିତ

ପ୍ରଥମତଃ କେବେ ବି ଅନ୍ୟ କାହାର ଘଣ୍ଟାକୁ ନିଜ ହାତରେ ପିନ୍ଧନ୍ତୁ ନାହିଁ । ଏହାକୁ ଅଶୁଭ ବୋଲି ବିବେଚନା କରାଯାଇଥାଏ। ଏହାଦ୍ୱାରା ଆପଣ ଚାରି ଆଡୁ ସଙ୍କଟରେ ଫସି ଯାଇ ପାରନ୍ତି।

ବାସ୍ତୁ ଶାସ୍ତ୍ର ଅନୁଯାୟୀ, କେବେ କାହାରି ରୁମାଲ ବ୍ୟବହାର କରନ୍ତୁ ନାହିଁ। ଏପରି କରିବା ଦ୍ୱାରା ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ।

ସେହିପରି ଯେତେ ନିଜର ହେଲେ ବି କେବେ କାହାରି ବସ୍ତ୍ର ମାଗିକି ପିନ୍ଧିବା ଉଚିତ ନୁହେଁ । କାରଣ ଅନ୍ୟର ବସ୍ତ୍ର ପିନ୍ଧିବା ଦ୍ୱାରା ଆପଣଙ୍କ ଶରୀରରେ ନକରାତ୍ମକ ଉର୍ଜ୍ଜା ପ୍ରବେଶ କରିଥାଏ। ଏଥିସହ ଚାରିଆଡୁ ବିପତ୍ତି ମାଡ଼ି ଆସିଥାଏ। ଏଥିରୁ ମୁକୁଳିବା କଷ୍ଟକର ହୋଇପଡ଼େ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୯ ଏପ୍ରିଲ ୨୦୨୪, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୌସୁମୀ ବର୍ଷା...

ଏପ୍ରିଲ ହେଉଛି ସେଇ ମାସ, ଯେଉଁ ମାସରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମୌସୁମୀ ବର୍ଷା ସମ୍ପର୍କରେ ତା'ର ପ୍ରଥମ ପୂର୍ବାନୁମାନ ପ୍ରକାଶ କରିଥାଏ। ଚଳିତ ବର୍ଷ ବିଭାଗ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ ପ୍ରକାଶ କରି ସାରିଛି ଯାହା ସମ୍ପ୍ରତି ଦେଶରେ ଚାଲୁ ରହିଥିବା ଅସହ୍ୟ ଉତ୍ତାପ ଲହରୀ ସମୟରେ କର୍ଣ୍ଣପଟହରେ ମଧୁର ସଙ୍ଗୀତର ମୂର୍ଚ୍ଛନା ସୃଷ୍ଟି କରିବା ଭଳି ମନେ ହେଉଛି, କାରଣ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ପାଇଁ ଏହା ଏକ ସମ୍ଭାବ୍ୟ ବିପୁଳ ପରିମାଣର ଉତ୍ପାଦନର ବାର୍ତ୍ତା ବହନ କରି ଆଣିଛି। ଭାରତରେ ମୌସୁମୀ ବର୍ଷାର ସମୟ ଭାବରେ ଜୁନ୍ ମାସଠାରୁ ସେପ୍ଟେମ୍ବର ମାସକୁ ଗଣନା କରାଯାଇଥାଏ । ଏହି ସମୟରେ ପ୍ରଚୁର ପରିମାଣରେ ବର୍ଷା ହେବା ସମ୍ପର୍କିତ ଭବିଷ୍ୟବାଣୀର ଅର୍ଥ, ଏହା କେବଳ ଖରାର ତାପରେ ଜଳି ପୋଡ଼ି ଯାଉଥବା ଗ୍ରୀଷ୍ମର ଦୌରାତ୍ମ୍ୟରୁ ମୁକ୍ତି ନୁହେଁ, ବରଂ ଦେଶର ଜୀବନଧାରା ପାଇଁ ଅତ୍ୟାବଶ୍ୟକ ରକ୍ତର ପ୍ରବାହ ଭଳି ଜଳଧାରାର ଆଗମନର ସୂଚନା। ଭାରତରେ ବର୍ଷା ମୁଖ୍ୟତଃ ତିନି ଗୋଟି କାରଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଥମତଃ, କୃଷି ଦେଶରେ କର୍ମନିଯୁକ୍ତିର ଏବେ ବି ଏକ ସର୍ବବୃହତ୍ ଉତ୍ସ ହୋଇଥିବା ବେଳେ ବର୍ଷା ଏହି କ୍ଷେତ୍ରରେ ଲୋକମାନଙ୍କୁ ନିୟୋଜିତ କରିବା ସଙ୍ଗେ ସଙ୍ଗେ ଉତ୍ପାଦନ ଏବଂ ଦେଶର ଆର୍ଥିକ ଅଭିବୃଦ୍ଧି ଘଟାଇ ଥାଏ। ଦ୍ୱିତୀୟରେ, ଦେଶର ସର୍ବମୋଟ ଯେତିକି ଅଞ୍ଚଳରେ ବିଶୁଦ୍ଧ ଭାବରେ ଫସଲ ଚାଷ କରା ଯାଇଥାଏ, ତା'ର ପାଖାପାଖି ଅଧା ଅଂଶରେ ଜଳସେଚନର ସୁବିଧା ନାହିଁ, ଆଉ ସେଥିପାଇଁ ଏସବୁ ଅଞ୍ଚଳରେ ବିଭିନ୍ନ ପ୍ରକାରର ଫସଲ ଉପୁଜାଇବା ସମ୍ପୂର୍ଣ୍ଣ ଭାବରେ ବର୍ଷା ଜଳ ଉପରେ ନିର୍ଭରଶୀଳ ହୋଇଥାଏ, ଯାହା ଖାଦ୍ୟ ସୁରକ୍ଷା ନିମନ୍ତେ ଅତି ମହତ୍ତ୍ୱପୂର୍ଣ୍ଣ। ତୃତୀୟରେ, କୃଷି କ୍ଷେତ୍ରର ଅଧିକ ଫସଲ ଉତ୍ପାଦନ ଖାଦ୍ୟପଦାର୍ଥର ମୂଲ୍ୟ ଉପରେ ଢାଙ୍କୁଣି ଲଗାଇ ଦେଇଥାଏ, ଯାହା ବର୍ତ୍ତମାନ ସୁଦ୍ଧା ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କର ସ୍ୱଚ୍ଛନ୍ଦ ସୀମା ଉପରେ ରହି ଆସିଛି। ଆଇଏମ୍‌ଡିର ୨୦୨୪ ପାଇଁ ଦକ୍ଷିଣପଶ୍ଚିମ ମୌସୁମୀର ଭବିଷ୍ୟବାଣୀ ଅନୁସାରେ ଦେଶରେ ବୃଷ୍ଟିପାତର ହାର ଏହାର ଦୀର୍ଘକାଳୀନ ହାରାହାରି (ଏଲ୍‌ପିଏ)ର ୧୦୬ ପ୍ରତିଶତ ହେବା ଆଶା କରାଯାଉଛି, ଯେଉଁଥିରେ ଅଧିକ ବା କମ୍ ୫ ପ୍ରତିଶତର ନମୁନାଜନିତ ତ୍ରୁଟି ରହିପାରେ। ଭାରତରେ ଚାରିମାସିଆ ବର୍ଷା ଋତୁ ପାଇଁ ୮୭ ସେଣ୍ଟିମିଟରର ୫୦-ବର୍ଷିଆ ହାରାହାରିର ୯୬ରୁ ୧୦୪ ପ୍ରତିଶତ ମଧ୍ୟରେ ବୃଷ୍ଟିପାତକୁ ସ୍ୱାଭାବିକ ଭାବରେ ଗଣନା କରାଯାଇଥାଏ। ମୌସୁମୀ ବର୍ଷା ସମ୍ପର୍କରେ ଭବିଷ୍ୟବାଣୀ କରୁଥିବା ଅନ୍ୟ ଏକ ସଂସ୍ଥା ସ୍କାଇ ମେଟ୍ ମଧ୍ୟ ସ୍ୱାଭାବିକ ବୃଷ୍ଟିପାତ ନେଇ ଆଶାବାଦୀ । ଏହାର ଭବିଷ୍ୟବାଣୀ ଅନୁସାରେ ଜୁନ୍‌ରୁ ସେପ୍ଟେମ୍ବର ଭିତରେ ଦେଶରେ ଏଲ୍‌ପିଏର ୮୮୬ ମିଲିମିଟରର ୧୦୨ ପ୍ରତିଶତରେ ବୃଷ୍ଟିପାତ ରହିବ। ଆଇଏମ୍ ଅପେକ୍ଷା ଗତ ବର୍ଷ ଯେହେତୁ ସ୍କାଇ ମେଟ୍‌ର ଭବିଷ୍ୟବାଣୀ ଅଧିକ ଠିକ୍ ହୋଇଥୁଲା, ତେଣୁ ସେହି ଅନୁସାରେ ବିଚାର କଲେ ସୁଦ୍ଧା ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଇପାରେ। ମୌସୁମୀ ବର୍ଷା, ଯାହା ଦେଶର ବାର୍ଷିକ ବୃଷ୍ଟିପାତର ୭୦ ପ୍ରତିଶତ ପ୍ରଦାନ କରିଥାଏ, ତାହା ମଧ୍ୟ ଜଳସେଚନ, ପାନୀୟ ଜଳ ଯୋଗାଣ ଏବଂ ଶକ୍ତି ଉତ୍ପାଦନ ନିମନ୍ତେ ଜାତୀୟ ସ୍ତର ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ୮୯ଟି ଜଳ ଭଣ୍ଡାରରେ ଜଳର ପରିପୂରଣ କରିଥାଏ। ସରକାରୀ ତଥ୍ୟ ଅନୁସାରେ, ଏହି ଜଳ ଭଣ୍ଡାରଗୁଡ଼ିକ ମଧ୍ୟରୁ ଅଧିକାଂଶରେ ବର୍ତ୍ତମାନ ସେଗୁଡ଼ିକର ଅଧା ପରିମାଣର ଜଳ କମି ଯାଇଛି । ସାମ୍ପ୍ରତିକ ମାସଗୁଡ଼ିକରେ ଯେହେତୁ ଏଲ୍ ନିନୋ, ଯାହା ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶର ଅତ୍ୟଧିକ ତାପମାତ୍ରାଗୁଡ଼ିକ ଦ୍ୱାରା ପରିଚିହ୍ନିତ ହୋଇଥାଏ, ତାହା ଦୁର୍ବଳ ଜଣା ପଡୁଥିଲା, ତେଣୁ ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେବାର ଆଶା ଉଜ୍ଜ୍ୱଳ ହୋଇଥିଲା। ଏହି ଏଲ୍ ନିନୋର ପ୍ରଭାବ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଅନୁଭୂତ ହୋଇଥାଏ। ଭାରତରେ ଏଲ୍ ନିନୋକୁ ଏକ ଉତ୍ତପ୍ତ, ଶୁଷ୍କ ପାଣିପାଗ ସହିତ ସମ୍ପୃକ୍ତ କରାଯାଇଥାଏ। ମୌସୁମୀ ବର୍ଷା ଦେଶର ପ୍ରବାହିତ ହେବାକୁ ଆରମ୍ଭ କରିବା ବେଳକୁ, ଯାହା ସାଧାରଣତଃ ଜୁନ୍ ମାସର ପ୍ରଥମ ସପ୍ତାହ ହୋଇଥାଏ, ପାଣିପାଗର ଅବସ୍ଥା ଏକ ତଥାକଥିତ ସ୍ୱାଭାବିକ ସ୍ଥିତିରେ ପ୍ରବେଶ କରିଥାଏ । ଏହି ସ୍ୱାଭାବିକ ପର୍ଯ୍ୟାୟ ଲା ନିନା ପର୍ଯ୍ୟାୟକୁ ଫେରିଯିବା ପାଇଁ ପଥ ଦେଖାଇ ଥାଏ ବୋଲି ଆଶା କରାଯାଇଥାଏ ଯାହା ଭାରତରେ ଗ୍ରୀଷ୍ମ ଋତୁରେ ବୃଷ୍ଟିପାତକୁ ବୃଦ୍ଧି କରିଥାଏ। ଉତ୍ତମ ବୃଷ୍ଟିପାତର ଏକ ପର୍ଯ୍ୟାୟ ଦେଶର ଅର୍ଥନୀତିର ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଅଭିବୃଦ୍ଧି ପଥରେ ପଥ୍ୟକ କରାଇବାର ସମ୍ଭାବନା ବହନ କରିଥାଏ। କୃଷିପ୍ରଧାନ ଭାରତବର୍ଷରେ ଯେତେବେଳେ କୃଷି କ୍ଷେତ୍ରର ଆୟରେ ବୃଦ୍ଧି ଘଟେ, ସେତେବେଳେ ଗ୍ରାମାଞ୍ଚଳର ଖର୍ଚ୍ଚ କରିବାର ପରିମାଣରେ ବୃଦ୍ଧି ଘଟିଥାଏ, ଯାହା ଅର୍ଥନୀତିରେ ଚାହିଦାରେ ବୃଦ୍ଧି ଘଟାଇ ଥାଏ। ଉଦାହରଣ ସ୍ୱରୂପ, ଏକ ସ୍ୱାଭାବିକ ମୌସୁମୀ ବର୍ଷରେ ଦେଶରେ ଗୋଟିଏ ବର୍ଷରେ ମୋଟ ଯେତିକି ମୋଟର ସାଇକେଲ ବିକ୍ରି ହୋଇଥାଏ, ତା'ର ପାଖାପାଖି ଅଧା ସଂଖ୍ୟକ ମୋଟର ସାଇକେଲ ଗ୍ରାମାଞ୍ଚଳ ଏବଂ ସହରତଳି ଅଞ୍ଚଳରେ ବିକ୍ରି ହୋଇଥାଏ । ତେବେ ଏସବୁ ସୁଖଦ କାହାଣୀ ଭିତରେ ଗୋଟିଏ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି- ବୃଷ୍ଟିପାତ ବର୍ଷା ଋତୁ ସାରା ଦେଶର ସବୁ ଅଞ୍ଚଳରେ ସମାନ ପରିମାଣରେ ହେବା ଆବଶ୍ୟକ।



## ଭୋଟ ବର୍ଜନ ଧମକର ପ୍ରଭାବ କେତେ ?

**ବିଷ୍ଣୁ ପ୍ରସାଦ ଦାସ**

ସମ୍ପ୍ରତି ନିର୍ବାଚନ ସମୟ ଆସିଗଲେ ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ଭୋଟ ବର୍ଜନର ଧମକ ଦିଆ ଯାଇ ଥାଏ, ଏହାର ପ୍ରଭାବ ନିର୍ବାଚନ ଆୟୋଗଙ୍କ ସହିତ ସରକାର ଏବଂ ଆଶାୟୀ ପ୍ରାର୍ଥୀଙ୍କ ଉପରେ କେତେ ପଡେ ତାହତ ସମସ୍ତେ ଜାଣନ୍ତି । ଭାରତ ପରି ଅନେକ ଗଣତନ୍ତ୍ର ରାଷ୍ଟ୍ରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ନାଗରିକ ମାନେ ଭୋଟ ଦେଇ ନିଜର ମନ ପସନ୍ଦର ପ୍ରାର୍ଥୀଙ୍କୁ ନିର୍ବାଚିତ କରିଥାନ୍ତି । ଭୋଟ ଦେବା ନାଗରିକର କର୍ତ୍ତବ୍ୟ , ଭାରତ ବର୍ଷରେ ଚଳିତ ବର୍ଷ ପ୍ରାୟ ୯୨ କୋଟି ଭୋଟର ଅଛନ୍ତି ସେମାନଙ୍କ ମଧ୍ୟରୁ କେତେ ପ୍ରତିଶତ ଭୋଟ ଦେବାକୁ ଆସୁଛନ୍ତି ତାହା ଖାଲି ଦେଖିବା କଥା ।

ଭାରତ ବର୍ଷରେ ସାଧାରଣ ନିର୍ବାଚନ ୨୦୨୪ ମସିହା ଏପ୍ରିଲ ମାସ ୧୮ ତାରିଖରୁ ଆରମ୍ଭ ହୋଇ ୦୧ ଜୁନ ପର୍ଯ୍ୟନ୍ତ ସାତୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ନିର୍ବାଚନର ଫଳାଫଳ ୦୪ ଜୁନ୍ ୨୦୨୪ ତାରିଖରେ ଘୋଷଣା କରାଯିବ। ୨୦୧୯ ମସିହାର ନିର୍ବାଚନ ପରେ ଏହା ଦେଶର ସର୍ବ ବୃହତ ନିର୍ବାଚନ ରୂପେ ଇତିହାସ ସୃଷ୍ଟି କରିବ । ଭାରତ ବର୍ଷର ପ୍ରାୟ ୧୪୨ କୋଟି ଜନସଂଖ୍ୟା ମଧ୍ୟରୁ ପ୍ରାୟ ୯୨ କୋଟି ଜନତା ଭୋଟ ଦେବାପାଇଁ ଉପଯୁକ୍ତ ବିବେଚିତ ହୋଇଛନ୍ତି । ବିଗତ ନିର୍ବାଚନ ସମୀକ୍ଷାରୁ ଜଣାପଡେ ଯେ, ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦ ରୁ ୭୦ ପ୍ରତିଶତ ଭୋଟ ଦେଇଥାନ୍ତି । ସେ ଯାହାବି ହେଉ ବହୁ ମତରେ ଜିତିଥିବା ଦଳ ଦେଶର ତଥା ରଜ୍ୟର ଶାସନ ଭାର ଗ୍ରହଣ କରି ଜନତାଙ୍କୁ ସୁଶାସନ ଦେବାକୁ ଚେଷ୍ଟିତ ଥାନ୍ତି। ଭଲ ପ୍ରାର୍ଥୀ ଜିତି ବହୁ ମତରେ ଭଲ ସରକାରଟିଏ ଗଠନ ହେଲେ ଦେଶ ତଥା ରାଜ୍ୟ ପାଇଁ ମଙ୍ଗଳ କାରକ ସାବ୍ୟସ୍ତ ହୁଅନ୍ତି କିନ୍ତୁ ଲୋଭ, ସ୍ୱାର୍ଥ ତଥା ଅହମିକା ଗୁଣ ସମ୍ପର୍ଣ୍ଣ ନେତା ମାନେ ଦେଶ ପାଇଁ ଏକ ପ୍ରକାର କଳଙ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗଣତନ୍ତ୍ରର ପ୍ରକୃତ ଅର୍ଥ ହେଉଛି' ଜନତାଙ୍କ ଦ୍ୱାରା, ଜନତାଙ୍କ ପାଇଁ, ଏବଂ ଜନତାଙ୍କର ସରକାର' କିନ୍ତୁ ଏହି ମର୍ମ ଟିକୁ କେତେଜଣ ବୁଝୁଛନ୍ତି ବା କାର୍ଯ୍ୟକାରୀ କରୁଛନ୍ତି ? କିଛି ସ୍ଥାନରେ ଗଣତନ୍ତ୍ର ବର୍ତ୍ତମାନ ରଣତନ୍ତ୍ରରେ ପରିଣତ ହେବା ସହିତ ବାହୁବଳ, ଅର୍ଥ ବଳ, ଭୟ ଦେଖାଇ ଭୋଟ ନେବା ସହିତ ଅନେକ ସ୍ଥାନରେ ପାରିବାରିକ ରାଜନୀତି ସବୁଠାରୁ ଭୟଙ୍କର ସମସ୍ୟା ସୃଷ୍ଟି କରି ରାଜତନ୍ତ୍ର ପରି ମନେ ହେଉଛି ତାହାଛଡା ଆଉ ଏକ ଭୟଙ୍କର ସମସ୍ୟା ହେଲା ଦଳ ବଦଳ, ଯାହାର ସ୍ୱାର୍ଥରେ ଆଞ୍ଚ ଆସିଲା ସେ ନିଜର ସ୍ୱାଭିମାନ କୁ ଜଳାଞ୍ଜଳି ଦେଇ ଦଳ ବଦଳାଇ ଅନ୍ୟ ଦଳକୁ ଡେଇଁ ପଡିଲା ସେମାନଙ୍କର ଆଶା ଗୋଟିଏ ଟିକେଟ ପାଇବା ଛଡା ଆଉ କିଛି ନୁହେଁ । ସେବାର ପରିଭାଷା ବଦଳି ଯାଇ ବର୍ତ୍ତମାନ ନେବା ହୋଇ ଯାଇଛି ଏପରିକି ଲକ୍ଷାଧିକ ଟଙ୍କା ସରକାରୀ ପେନ୍ସନ୍ ପ୍ରାପ୍ତ ଅଧିକାରୀ ମାନେ ମଧ୍ୟ ନିର୍ବାଚନ ମଇଦାନକୁ ଓଲ୍‌ହାଇ ପଡିଛନ୍ତି ସେମାନେ ସତେ ଯେମିତି ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ପଟ୍ଟ ଶିଷ୍ୟ, ଦେଶ ପାଇଁ ତାଙ୍କ ପ୍ରାଣ ଖାଲି କଇଁ କଇଁ ହୋଇ କାନ୍ଦି ଉଠୁଛି । ଅନେକ ବହୁରୂପୀ ଏଣ୍ଡୁଅ ବର୍ତ୍ତମାନ ନିର୍ବାଚନ ମୈଦାନରେ ଫମ୍ପା ଭାଷଣ ଦେଇ ଦେଶ ତଥା ଜନତାଙ୍କୁ ଲୁଟିବାର ଉପକ୍ରମ କରିବାରେ ଆପ୍ରାଣ ଉଦ୍ୟମ କରି ଚାଲିଛନ୍ତି ତେଣୁ ସାଧୁଜନେ ଏମାନଙ୍କ ଠାରୁ ଦୂରରେ ରୁହନ୍ତୁ ।

ଭାରତ ବର୍ଷରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ ହୋଇଥାଏ, ମଇ ୨୦୨୩ ବିଜ୍ଞପ୍ତି ପ୍ରକାଶନ ଆଧାରରେ ଭାରତ ବର୍ଷରେ ଜାତୀୟ ଦଳ ୬ଟି, ରାଜ୍ୟ ବା ପ୍ରାଦେଶିକ ଦଳ ୫୪ ଟି ଏବଂ ପଂଜିକୃତ ଅଣସ୍ୱୀକୃତି ପ୍ରାପ୍ତ ଦଳ ୨୫୯୭ ଟି ରହିଛନ୍ତି । ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳମାନେ ଭୋଟର ମାନଙ୍କୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ନିଜ ସପକ୍ଷରେ ଭୋଟ ହାତେଇ ଥା'ନ୍ତି, ନିର୍ବାଚନ ପୂର୍ବର ପ୍ରତିଶୃତି ବହି ଆକାରରେ ଲିପିବଦ୍ଧ ହୋଇ ପ୍ରଚାର କରାଯାଇ ଥାଏ। ଭୋଟ ଦାତା ମାନେ ଦଳର ପ୍ରତିଶୃତିକୁ ବିଶ୍ୱାସ କରି ଭୋଟ ଦେଇ ଶେଷରେ ଦଳୀୟ ପ୍ରତିଶୃତି ପାଳନ ନ' ହେବାର କ୍ଷୋଭରେ ନିଜ କପାଳରେ ହାତ ବାଡେଇବା ଛଡା ଆଉ କୌଣସି ବିକଳ୍ପ ନ'ଥାଏ । ରାଜନୀତି କରୁଥିବା ନେତା /ଦଳ ଗୁଡିକ ମିଥ୍ୟା ଏବଂ ପ୍ରବଞ୍ଚନାର ଆଶ୍ରୟ ନେଇ କଳେ ବଳେ କୌଶଳେ ଶାସନ କରିବାର ଚେଷ୍ଟାରେ ଥା'ନ୍ତି ଆଉ ଥରେ ଯଦି ଚୌକି ମଜା ପାଇଗଲେ ତେବେ ପ୍ରାୟ ନବେ ପ୍ରତିଶତ ନେତା ମନ୍ତ୍ରୀଙ୍କର ଆଗାମୀ ପାଞ୍ଚ ପିଢ଼ି ପାଇଁ ଚିନ୍ତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ, ତାହାଛଡା ବିଭିନ୍ନ ପ୍ରକାର ସରକାରୀ ସୁବିଧା ପେନ୍ସନ୍ ମଧ୍ୟ ପାଇଥାନ୍ତି । ତେଣୁ ଭାରତ ବର୍ଷରେ ରାଜନୀତି ସବୁଠାରୁ ଭଲ ବୃତ୍ତି /ସେବା, ଏଥିପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ପ୍ରତିବନ୍ଧକ ନାହିଁ , ଅନ୍ୟ କର୍ମଚାରୀ ମାନଙ୍କ ପରି ଅବସର କାଳୀନ ବୟସ ସୀମା ନାହିଁ ମୃତ୍ୟୁ ପର୍ଯ୍ୟନ୍ତ ରାଜନୀତିରେ ଜଣେ ସକ୍ରିୟ ରହିପାରିବେ। ସେମାନଙ୍କର ବୟସ ଯେତେ ବଢୁ ଥିବ ମସ୍ତିଷ୍କ ସେତେ ଉର୍ବର / ସକ୍ରିୟ ହେଉଥିବ ଏମାନେ ସୃଷ୍ଟି କର୍ତ୍ତାଙ୍କ ବିରଳ ସୃଷ୍ଟି କୁହାଯାଇ ପାରେ । ସମ୍ବିଧାନକୁ ସଂଶୋଧନ କରି ନେତା ମନ୍ତ୍ରୀ ମାନଙ୍କ ସର୍ବୋଚ୍ଚ ବୟସ ସୀମା କ'ଣ ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ? ଏକାଧିକ ପେନ୍ସନ୍ ପ୍ରକ୍ରିୟାକୁ କ'ଣ ବଦଳାଯାଇ ପାରିବ ନାହିଁ? ସବୁ ସମ୍ଭବ କିନ୍ତୁ ଏହା ନିଜ ସ୍ୱାର୍ଥ ପାଇଁ କରାଯାଉ ନାହିଁ ।

ସମ୍ପ୍ରତି ନିର୍ବାଚନ ସମୟ ଆସିଗଲେ ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ଭୋଟ ବର୍ଜନର ଧମକ ଦିଆ ଯାଇ ଥାଏ, ଏହାର ପ୍ରଭାବ ନିର୍ବାଚନ ଆୟୋଗଙ୍କ ସହିତ ସରକାର ଏବଂ ଆଶାୟୀ ପ୍ରାର୍ଥୀଙ୍କ ଉପରେ କେତେ ପଡେ ତାହତ ସମସ୍ତେ ଜାଣନ୍ତି । ଭାରତ ପରି ଅନେକ ଗଣତନ୍ତ୍ର ରାଷ୍ଟ୍ରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ନାଗରିକ ମାନେ ଭୋଟ ଦେଇ ନିଜର ମନ ପସନ୍ଦର ପ୍ରାର୍ଥୀଙ୍କୁ ନିର୍ବାଚିତ କରିଥାନ୍ତି । ଭୋଟ ଦେବା ନାଗରିକର କର୍ତ୍ତବ୍ୟ, ଭାରତ ବର୍ଷରେ ଚଳିତ ବର୍ଷ ପ୍ରାୟ ୯୨ କୋଟି ଭୋଟର ଅଛନ୍ତି ସେମାନଙ୍କ ମଧ୍ୟରୁ କେତେ ପ୍ରତିଶତ ଭୋଟ ଦେବାକୁ ଆସୁଛନ୍ତି ତାହା ଖାଲି ଦେଖିବା କଥା । ତେବେ ଭୋଟ ବର୍ଜନ କଣ ଆମର ସବୁ ଅସୁବିଧାକୁ ସମାଧାନ କରିବାର ପ୍ରକୃତ ମାର୍ଗ ? ଯେଉଁମାନେ ଗତ ନିର୍ବାଚନ ସମୟରେ ତାଙ୍କର ମନ ପସନ୍ଦ ପ୍ରାର୍ଥୀ ଚୟନ କରିଥିଲେ ସେମାନେ ପ୍ରାର୍ଥୀଙ୍କ ଠାରୁ କ'ଣ ପାଇବାର ଆଶାରେ ଭୋଟ ଦେଇଥିଲେ ? ପ୍ରାର୍ଥୀ ଯଦି ତାଙ୍କର ପ୍ରତିଜ୍ଞା ପୁରଣ କରି ନ ପାରୁଛନ୍ତି ତେବେ ଜନତା ଚାହିଁଲେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦର୍ଶା ଯାଇଥିବା ନୋଟା (ନୋଟା) ଚିହ୍ନରେ ଭୋଟ ଦେଇ ପାରିବେ । ତେବେ ଏଥିରେ କୌଣସି ସୁଫଳ ମିଳିବ ନାହିଁ, କ୍ଷମତାସୀନ ଦଳରୁ ଟିକେଟ ପାଇଥିବା ପ୍ରାର୍ଥୀ କଳେ ବଳେ କୌଶଳେ ଅର୍ଥ ବଳ, ବାହୁ ବଳ ତଥା ଅନ୍ୟାନ୍ୟ ପ୍ରଲୋଭନ ଦେଖାଇ ନିଶ୍ଚିତ ରୂପେ ଭୋଟ ପାଇ ଜୟଯୁକ୍ତ ହେବେ । କେହି ନୀତି ରେ ଚାଲୁ ନାହାନ୍ତି, ଭୋଟର ମାନଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀ ମାନେ ମଦ, ମାଂସ, ଟଙ୍କା, ଲୁଗାପଟା, କ୍ଲବ ଘରକୁ ସାହାଯ୍ୟ, ମନ୍ଦିର ପାଇଁ ଆବଶ୍ୟକ ଅର୍ଥ, ଗୋଡାଣିଆଙ୍କୁ ଠିକାଦାରୀ କାର୍ଯ୍ୟ, ପୋଖରୀ ଖନନ କାର୍ଯ୍ୟ ଇତ୍ୟାଦିର ଲୋଭ ଦେଖାଇ ଭୋଟ ହାତେଇବାର କୌଶଳ ପ୍ରୟୋଗ କରି ଥା'ନ୍ତି । ରାଜନୈତିକ ଦଳ ପାଇଁ ବର୍ତ୍ତମାନ ଗ୍ରାମ୍ୟ ଭାଇଚାରା ଶତ୍ରୁତାର ରୂପ ନେଇଛି, କିଏ କେଉଁ ଦଳକୁ ଭୋଟ ଦେବ ସେଇଥି ପାଇଁ ଆଜି ଭାଇ ଭାଇ ମଧ୍ୟରେ ହଣା କଟା ଚାଲିଛି । ଭୋଟ ପାଇବା ଲୋକ ଭୋଟ ପାଇ ପାଞ୍ଚବର୍ଷ ଅୟସ କରିବ ଆଉ ତୁମେ ମାନେ ନିଜ ନିଜ ଭିତରେ ହଣା କଟା ହୋଇ କୋର୍ଟ କଚେରୀ ଥାନା ଦୌଡ଼ି ଦୌଡ଼ି ନିଜର କଷ୍ଟ ଅର୍ଜିତ ସଂଚିତ ଅର୍ଥ ଖର୍ଚ୍ଚ ସହିତ ସଜା ମଧ୍ୟ ଭୋଗିବ, କହିଲ ଭାଇ ଭଉଣୀ ମାନେ ଏଥିରେ ଚାଲାକ କିଏ ? ତୁମେମାନେ ନା ଦଳୀୟ ପ୍ରାର୍ଥୀ ? ସମସ୍ତେ ଆଜି ଦୁର୍ନୀତି ଗ୍ରସ୍ତ ତେଣୁ ଭୋଟର ମାନେ ଭୋଟ ବର୍ଜନ ନକରି ନିଜର ଅଧିକାର ସାବ୍ୟସ୍ତ କରନ୍ତୁ ତଥା ନିଜ କ୍ଷେତ୍ରରର ପ୍ରାର୍ଥୀଙ୍କ ଠାରୁ ନିଜ ଅଂଚଳର ସାର୍ବଜନୀନ ଉନ୍ନତି କାର୍ଯ୍ୟ ପାଇଁ (ଯେଉଁଥିରେ କି ସମସ୍ତଙ୍କର ଲାଭ ହୋଇ ପାରିବ ) ଲିଖିତ ପ୍ରତିଶୃତି ରଖନ୍ତୁ ତାହାହିଁ ହେବ ଉଚିତ ପଦକ୍ଷେପ । ସରକାର ଆସିବ, ସରକାର ଯିବ, ନିର୍ବାଚନ ମଧ୍ୟ ଆସୁଥିବ କିନ୍ତୁ ଜନତା ଯଦି ନିଜେ ଜାଗ୍ରତ ନହେବେ ତେବେ ଏହିପରି ଦୁଃଖକୁ ଅତି ବେଶୀରେ ପାଞ୍ଚବର୍ଷ ପାଇଁ ମୁଣ୍ଡପାତି ସହି ନେବାର କ୍ଷମତା ରଖିବାକୁ ବାଧ ହେବେ । ସୁଯୋଗ୍ୟ ପ୍ରାର୍ଥୀ ଚୟନ ଏକ ସୁସ୍ଥ ସରକାର ଗଢିବାରେ ସହାୟକ ହେବା ସହିତ ସୁଶାସନ ମଧ୍ୟ ମିଳିବ । ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ଦ୍ୱାରା ଲିଖିତ କାବ୍ୟରୁ କିଛି ଅଂଶ' ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ, ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୂରୁ ତହିଁ ପଡି ମୋର ମାଂସ ହାଡ଼' ସେ ସମୟ ହୁଏତ ଆଉ ଆମେ ଦେଖିବା ନାହିଁ କି ସେହିପରି ନିସ୍ୱାର୍ଥପର ଦେଶ ସେବକ ପାଇବା ନାହିଁ । ତେଣୁ 'ଆଲୋ ସଖି ଆପଣା ମହତ ଆପେ ରଖ' ହିସାବରେ ଆମକୁ ଏହି ଜଟିଳ ସ୍ୱାର୍ଥପର ଦୁନିଆରେ ବଞ୍ଚିବାକୁ ହେବ ।

ବନ୍ଦେ ଉତ୍କଳ ଜନନୀ ।


\+ ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ:୯୯୩୭୧୭୪୦୯୭




**ପ୍ରଦୋଷ କୁମାର ଦାସ**

## ସମୟର ଆହ୍ୱାନ ! : ଉତ୍ସର୍ଗୀକୃତ ମାନସିକତା ଓ ଆତ୍ମୀୟତା !

ଏହି ଲେଖକ ଯିଏକି ଜଣେ ସ୍ୱେଚ୍ଛାକୃତ ଭାବେ ମୁକ୍ତ ବୃତ୍ତି ଶିକ୍ଷକ ଭାବରେ ବ୍ରତୀ ହୋଇ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଭ୍ରମଣ କରି ସେଠାରେ ଆବଶ୍ୟକ ଶିକ୍ଷା ଦାନ କରିବା ସହିତ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଶୈକ୍ଷିକ ଓ ମାନସିକ ସ୍ତରର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥାନ୍ତି। ଏହି ଅବସରରେ ଥରେ ସେ ଗୋଟିଏ ସରକାରୀ ଉଚ୍ଚ ଉଚ୍ଚବିଦ୍ୟାଳୟ ରେ ଶିକ୍ଷାଦାନ କାଳରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ପିଲାଙ୍କ ପାଇଁ ଏକ ପ୍ରଶ୍ନ ରଖିଥିଲେ। ପ୍ରଶ୍ନ ଟି ଥିଲା ଏହି ପରି।

ସବୁଠି ଏବେ ରାଗ ଦ୍ୱେଷ, ଲୋଭ, ରାହାଜାନୀ, ହଣାକଟା, ଗଣ୍ଡଗୋଳ, ଅସୂୟା ଭାବ, ଯୁଦ୍ଧର ଲେଲିହାନ ଶିଖା ଉଣା ଅଧିକେ ସମସ୍ତଙ୍କୁ ପ୍ରଭାବିତ କରି ରଖିଛି। ସ୍ଥାନେ ସ୍ଥାନେ ପ୍ରାୟ ସବୁସ୍ଥାନରେ ଉପୁଜୁଥିବା ସଂତ୍ରାସରେ ସଭିଏଁ ସଂନ୍ତ୍ରସ୍ତ। ଶାନ୍ତି, ସଂହତି ଓ ମୈତ୍ରୀ ପାଇଁ ଏହାର ଅପନୋଦନ ନିହାତି ଆବଶ୍ୟକ।

କାୟ ମନୋବାକ୍ୟରେ ସଭିଏଁ କେଉଁଠି ନା କେଉଁଠି ଅସଂଯତ। ସକ୍ଷମ ମଣିଷଟିଏ ନିଜର କୁ- ବ୍ୟବହାର ଲାଗି ଆପେ ମାନସିକ ଅନଗ୍ରସର ଭଳି ବ୍ୟବହାର କରିବାକୁ ପଛାଉ ନାହାନ୍ତି। ଅଯଥା କଥାରେ ମୁଣ୍ଡ ଖେଳାଇବା ଉଚିତ୍ ନୁହେଁ ସମସ୍ତେ ଜାଣନ୍ତି । ହେଲେ ନକରାତ୍ମକ ଚିନ୍ତାଧାରା ସମସ୍ତଙ୍କୁ ଅସହାୟ ଓ ପ୍ରଭାବିତ କରି ରଖିଛି। ଭଲ ହେବାକୁ କେହି କାହିଁକି ଚାହୁଁନାହାଁନ୍ତି, ତାହା ଇଶ୍ୱରଙ୍କୁ ହିଁ ଜଣା !

ସାଂପ୍ରତିକ ସମୟରେ ବହୁ କ୍ଷେତ୍ରରେ ଭଲ ମଣିଷଙ୍କର ଘୋର ଅଭାବ ଦେଖାଦେଇଛି। ସଂସାରରେ ସଠିକ ମାର୍ଗରେ କେହି ଯିବାକୁ ଅବା ଆପଣାର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ଚିନ୍ତା ଓ ଚେତନାର ଉପଲବ୍ଧି ପାଇବାକୁ କାହାର ପ୍ରୟାସ ମଧ୍ୟ ରହୁନାହିଁ। ହୁଏତ ଖାସ ଏଇଥି ପାଇଁ କିଛି ଅସ୍ଥିର ମଣିଷଙ୍କର କାର୍ଯ୍ୟ ଓ କାରଣ ଅନେକଙ୍କୁ ଯାତନା ଦାୟକ ଭାବେ ବିଶେଷ ପ୍ରଭାବିତ କରୁଥିବା ଅନୁଭବ ରୁ ଜାଣିହୁଏ। ଦିନୁଦିନ, ପ୍ରତିଦିନ ସ୍ୱାର୍ଥପରତା ସ୍ୱଜାନତା ମଣିଷଙ୍କୁ ବିବେଚନାହୀନ କରିରଖିଛି। ଏଣୁ ପରାର୍ଥ ଭାବନା ଏବେ ସାଧାରଣ ରେ ଶୂନ୍ୟ ହୋଇ ପଡ଼ିଛି। ସନ୍ଥକବି ଭୀମ ଭୋଇ ଙ୍କର ସେହି ଅମର ବାଣୀ!' ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖିଦେଖି କେବା ସହୁ। ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। ଭଳି ପବିତ୍ର ଚିନ୍ତନ ଆମ ଭିତରେ ଧ୍ୟେୟ ହେବା ଉଚିତ୍। ଜନ୍ମରୁ ଅନ୍ଧ ହୋଇ ଏହା ତାଙ୍କର ଶରୀର ଅସସ୍ଥଗତି ବୋଲି ସେ କେବେ ବିବେଚନା କରିନାହାନ୍ତି। ନିଜର ଶରୀର ଅକ୍ଷମତାକୁ ଭୂଲି ସନ୍ଥକବି ଭୀମ ଭୋଇ ଆପଣାର ମନ ଓ ମସ୍ତିସ୍କର ସୁସ୍ଥତାର ପରିଚୟ ଦେଇ ଜଗତ କଲ୍ୟାଣ ପାଇଁ ନିଜକୁ ବିଭୂଙ୍କ ସମୀପେ ଉତ୍ସର୍ଗ କରିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି। ହେଲେ, ହାୟ! କାହା ଠାରେ ଏହା ଅବା କାହିଁ ?

ଏହି ପବିତ୍ର ମହନୀୟ ଚିନ୍ତାରେ ଉଦବୁଦ୍ଧ ହେବାକୁ ହେଲେ ଆମ ସମସ୍ତଙ୍କୁ ପ୍ରତ୍ୟାଶାହୀନ ଏକ ଆରେକର ପରମ ଆତ୍ମୀୟ ହେବାକୁ ପଡିବ। ତେବେ ଏହା କେମିତି ସମ୍ଭବ ହେବ !

ଯେତେ ଦିନ ପର୍ଯ୍ୟନ୍ତ ଆମେ ଆପଣାର ଭଳିକି ଭଳି ସ୍ୱାର୍ଥ ସିଦ୍ଧିରେ ଲିପ୍ତ ରହି ଅନ୍ୟର ନିରାନନ୍ଦର କାରଣ ହେଉଥିବା, ଏହା କଦାଚିତ ସମ୍ଭବ ନୁହେଁ।

ସାଂପ୍ରତିକ ସମୟରେ ସଂସାର, ସମାଜ, ଯେଉଁ ଭଳି ରୀତି ନୀତି ରେ ଚାଲିଛି, ପୂର୍ବ ପୀଢ଼ି ଯାହା ଭୂଲ କରିଗଲେ, ତାକୁ ନ ଦୋହରାଇ ଏବଂ ସେଥିରୁ ନିବୃତ୍ତ ରହି ଉତ୍ତର ପୀଢୀ ସ୍ତରେ ସ୍ତରେ ଏହାର ତର୍ଜମା କରିବା ସହ ସେଥିରେ ଆପଣାଙ୍କୁ ସଂଶୋଧନ କରିଚାଲିବା ଆବଶ୍ୟକ। ଏଥି ନିମନ୍ତେ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳାର ସହ ଆତ୍ମ ଉପଲବ୍ଧି ର ଆବଶ୍ୟକତା ରହିଛି।

ଏହି ଲେଖକ ଯିଏକି ଜଣେ ସ୍ୱେଚ୍ଛାକୃତ ଭାବେ ମୁକ୍ତ ବୃତ୍ତି ଶିକ୍ଷକ ଭାବରେ ବ୍ରତୀ ହୋଇ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଭ୍ରମଣ କରି ସେଠାରେ ଆବଶ୍ୟକ ଶିକ୍ଷା ଦାନ କରିବା ସହିତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ଓ ମାନସିକ ସ୍ତରର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥାନ୍ତି। ଏହି ଅବସରରେ ଥରେ ସେ ଗୋଟିଏ ସରକାରୀ ଉଚ୍ଚ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ କାଳରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ପିଲାଙ୍କ ପାଇଁ ଏକ ପ୍ରଶ୍ନ ରଖିଥିଲେ। ପ୍ରଶ୍ନ ଟି ଥିଲା ଏହି ପରି।

ତୁମେ ଯଦି ଇଶ୍ୱରଙ୍କୁ ଏକ ବର ମାଗିବ, ତାହା ଗୋଟିଏ ଧାଡ଼ିରେ କଣ ମାଗିବ !

ଉତ୍ତରରେ ସମସ୍ତେ ନିଜର ଭଲ ପାଠ, ବୁଦ୍ଧି, ଜ୍ଞାନ, ବଡ଼ ବଡ଼ ଚାକିରୀ, ଧନ, ଯଶ ସମ୍ମାନ ପାଇଁ ଆଶିଷ ଭିକ୍ଷା କରିବେ ବୋଲି ମତ ରଖିଥିଲେ।

ହାୟ! କେହି ଆପଣାର ସୁସ୍ଥ ମନ, ସୁସ୍ଥ ମସ୍ତିଷ୍କ ତଥା ସୁସ୍ଥ ଶରୀର ପାଇଁ କେହି ଧ୍ୟାନ ଦେଲେ ନାହିଁ। ଶରୀରର ସୁସ୍ଥତା ନଥିଲେ ମନ ଓ ମସ୍ତିସ୍କର ସୁସ୍ଥତା ଆସିବ କାହୁଁ ? ଧୈର୍ଯ୍ୟ ଶକ୍ତି ବଳରେ ମନ ଓ ଆତ୍ମାର ସଠିକ୍ ଚାଳନାରେ ମନୁଷ୍ୟ ସର୍ବ କାର୍ଯ୍ୟ ରେ ଅସାଧ ସାଧନ କରିଥାଏ। ଏଥିପାଇଁ ଜ୍ଞାନୀ ମଣିଷର ଆତ୍ମାନୁଶୀଳତାର ଆବଶ୍ୟକତା ରହିଛି। ପ୍ରତ୍ୟାଶାହୀନ ପରାର୍ଥ ବିବେଚନା ପାଇଁ ଆପଣାର ମନ, ମସ୍ତିଷ୍କ ଓ ଚେତନାର ସୁସ୍ଥତା ରହିଛି। ଏଥିରେ ଶରୀରର ସୁସ୍ଥତା ମଧ୍ୟ ଅମୂଲ୍ୟ ସମ୍ପଦ ଅଟେ। ମହାକବି କାଳିଦାସ ତାଙ୍କର 'କୁମାର ସମ୍ଭବ' ନାମକ ମହାନ ସଂସ୍କୃତ କାବ୍ୟରେ ଲେଖିଯାଇଛନ୍ତି, 'ଶରୀରମାଦ୍ୟ ଖଳୁ ଧର୍ମ ସାଧନମ୍। ଉଦ୍ଧୃତାଂଶ ଉକ୍ତିଟିରେ ସ୍ୱାସ୍ଥ୍ୟ ହିଁ ପରମ ସଂପଦ ବୋଲି ତାତ୍ପର୍ଯ୍ୟ ରଖୁଛି। ଅଖାଦ୍ୟ ଓ ନିଶା ଠାରୁ ଦୂରେଇ ଆମ ସମସ୍ତଙ୍କୁ ସୁସ୍ଥ ରହି ଜଗତ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବାକୁ ପଡିବ। ଏହା ଆମ ମନ ଓ ମସ୍ତିସ୍କର ସୁସ୍ଥତାରେ ସହଭାଗୀ ହେବ ହିଁ ହେବ।

କାରଣ ଶରୀରର ସୁସ୍ଥତା ସହିତ ମନ ଓ ମସ୍ତିସ୍କର ସୁସ୍ଥତା ନରହିଲେ କଦାଚିତ ସମାଜ ଓ ସଂସାରର ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ ମନେ ହୁଏ। ଏଣୁ ସବୁରିଙ୍କ ପାଇଁ ସୁସ୍ଥ ମନ, ଆତ୍ମା ଓ ଶରୀର ରକ୍ଷା ଏବେ ସମୟର ଆହ୍ୱାନ ହୋଇପଡିଛି, କହିଲେ ଦ୍ୱିରୁକ୍ତି ହେବ ନାହିଁ।


\+ ନାଚୁଣୀ, ଖୋର୍ଦ୍ଧା
ମୋ:୬୩୭୦୪୯୫୯୪୪


## କବିତା କୋଣାର୍କ

### ପଶୁପତି ବିନତି
**ଶିବ ପ୍ରସାଦ ବାହିନୀପତି**

ପଶୁପତି ବାରେ ଘେନ ମୋ' ମିନତି
ପ୍ରାଣ ମୋ' ହରିନିଅ ମିଳୁ ମୁକତି ;
ବଞ୍ଚିବାକୁ ଇଚ୍ଛା ନାହିଁ
ମରିବାକୁ ଚାହେଁ ମୁହିଁ
ଆଉ ମୋର ନାହିଁ ସହିବା ଶକତି... ।

ଏଇ ସଂସାରଟା ଗୋଟେ ଜଉଶାଳ
ଜୀବନକୁ ଜାଳେ ଯନ୍ତ୍ରଣା ଅନଳ ;
ଅଦୋଷରେ ଦୋଷୀ ହେଲି
ବଞ୍ଚିଥାଇ ନିତି ମଲି
ତୁଟିଲାଣି ନିଜଠୁ ନିଜର ପ୍ରୀତି.... ।

ମିଛ ଦୁନିଆ ମିଛ ଭାବ ପ୍ରବଣ
ଲୋଭ-ମୋହ ସବୁରି ଅଙ୍ଗ ଭୂଷଣ ;
ସରବେ ସ୍ୱାର୍ଥେ ନିପୁଣ
ଆପଣା ସାଜେ ଦୁର୍ଜନ
ବଦଳି ଗଲାଣି ସବୁ ରୀତିନୀତି...।

ଆଉ ଦୃଶ୍ୟ ହେଉନି ଶାଶ୍ୱତ ପ୍ରେମ
କେହି ବୁଝେନା ଏଠି କାହର ମନ ;
ଭରା ଯଉବନ ଦେଖି
ସବୁ ଆଖି ଯାଏ ଲାଖି
ବଢ଼ିଲାଣି ଏ ମରପୁରେ ଦୁର୍ନୀତି...।

ଅହଂର କରାଳ ଛାୟା ଘୋଟିଛି ଏଠି
ଧର୍ମ ଖଟୁଛି ଅଧର୍ମ ପାଖରେ ବେଠି ;
ମଧୁ ଭାଷ୍ୟେ ଭରା ବିଷ
ସମାଜ ସାରା କଳୁଷ
ନାଶଯାଉ କଳିରେ କଂସ ରାଜୁତି...।

ବନ୍ଧ ଭାଙ୍ଗି କୋହ ଆସେ ଉବୁକେଇ
ଦୁର୍ଜନ ଦୌରାତ୍ମ୍ୟ ସହି ହେଉନାହିଁ ;
ଆଉ ନପାରିବି ଦେଖି
ନିଅ ମତେ ପାଶେ ଡାକି
ଭୀତତ୍ରସ୍ତ ପ୍ରାଣେ କରୁଛି ବିନତି...।


\+ ସମ୍ପାଦକ(ପ୍ରତିଷ୍ଠାତା) - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ,
ପୁରୀ
ମୋ:୮୨୪୯୭୭୨୩୬୧


### ଅଗ୍ନିବର୍ଷା ଆଣେ
**ଧ୍ରୁବ ଚରଣ ଘିବେଲା**

ଅଗ୍ନିବର୍ଷା ଆଣେ ଅଂଶୁଘାତ ଭୟ
ଆକାଶରୁ ଅଗ୍ନି ବର୍ଷି
ନିଦାଘ ଗ୍ରୀଷମ ଦେଇଛି ଦାରୁଣ
ଦୁଃଖର ନିଆଁକୁ ସେକି ।

ବସନ୍ତ ସରୁଣୁ ଚଇତ ଫେରୁଣୁ
ଆତତାୟୀ ଭଳି ଗ୍ରୀଷ୍ମ
ଛକି ରହିଥିଲା ଲୁଚି ଦେଖୁଥିଲା
ବସନ୍ତ ରୂପ ଲାବଣ୍ୟ ।

ବସନ୍ତର ଶିରୀ ସେ ସହି ନ ପାରି
ଲୁଟିବାକୁ ସେଇ ଶିରୀ
ଆତତାୟୀ ସାଜି ଗ୍ରୀଷମ ଦେଖୁଛି
ବସନ୍ତର ହତଶିରୀ ।

ଅଗ୍ନି ଜାଳୁଅଛି ଦେହକୁ ଦହୁଛି
ପୋଡ଼ିଯାଏ ତନୁମନ
ଘର ଭିତରେ ବି ଗରମ ପବନ
ଲାଗୁଛି ବଡ଼ ବିଷମ ।

ବାଧ ହୋଇ କିଏ ବାହାରକୁ ଯାଏ
ଯିବାର ନିହାତି ଥିଲେ
ନ ହେଲେ ବା କିଏ କେଉଁଠିକି ଯାଏ
ଖାସ ଖରା ଦିନ ବେଳେ ।

ପଖାଳ ଖାଇକି ଘରେ ହିଁ ରହିକି
କାଟି ଦେବା ଦିନ ବେଳ
ଅଂଶୁଘାତ ଭୟ ନ ଥିବ ତହିଁକି
ପାଣି ପିଇ ବେଳୁ ବେଳ ।


\+ ବଉଦରାଜ, ଜି. ବୌଦ୍ଧ
ମୋ: ୯୪୪୭୪୭୮୪୬୬


### ବିସର୍ଜନ
**ବିନୟାନନ୍ଦ ବସ୍ତ୍ୟସ୍ୟ**

ଆବାହନ ଥିଲେ ସଂସ୍ଥାପନ ହୁଏ
ତତ ପର ବିସର୍ଜନ,
ବିସର୍ଜନ ପରେ ପୁନଃ ପୂଜିବାକୁ
ଲୋଡାହୁଏ ଆଗମନ।

ଯେଉଁଠୁ ଆସିଛ ସେଇଠାକୁ ଯିବ
ବାଟବଣା ହେବା କାହିଁ,
ସ୍ମୃତି ବିସ୍ମୃତିର ଭାବନା ଭିତରେ
କେହି ତ କାହାର ନାହିଁ।

ଯାହା ପାଇଁ ହୋଇ ଡହଳ ବିକଳ
ଆଶ୍ରୁ ଗଣ୍ଠି ଛିଣ୍ଡାଇବ,
ମଲେ ଖଟୁ ସେହି ତଳକୁ ଓହ୍ଲେଇ
ଅଗଣାରେ ଶୁଆଇବ।

ପୋଡିଦେବେ କରି ମୁଠାଏ ପାଉଁଶ
ଗୁଣ୍ଡ ହାଡ ଧରି ଯିବେ,
ଶୁଦ୍ଧ ଘର ପରେ ଅସ୍ଥି ବିସର୍ଜନ
ଗଙ୍ଗା ଜଳେ କରାଇବେ।

ଅସ୍ଥି ସଙ୍ଗେ ସ୍ମୃତି ବିସର୍ଜନ କରି
ଭୁଲିଯିବେ ଦିନା କେତେ,
କଦବା କେମିତି ମନେ ପକାଇବେ
ଭୁଲୁଥିବେ ନାନା ମତେ।

ସ୍ମୃତି ବିସର୍ଜନ ହୁଏ ନାହିଁ କେବେ
ତ୍ୟାଗ ପୂତ ଯହିଁ ଥାଏ,
ହୃଦୟରେ ହୁଏ ଅଲିଭା ଦାଗ ସେ
ଜକ ଜକ ଦିଶୁଥାଏ।

ବିସର୍ଜନ କେବେ ହୋଇପାରେ ନାହିଁ
କେତେ ସ୍ମୃତି ଜୀବନରେ,
ଝୁରି ହେଲେ ମଧ୍ୟ ଆସେନାହିଁ ଫେରି
ଝୁରି ଝୁରି ସିନା ମରେ।


\+ ନିଆଳ, ଖୋର୍ଦ୍ଧା



ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ | ଶୁକ୍ରବାର, ୧୯ ଏପ୍ରିଲ ୨୦୨୪

# ରାଜ କୁନ୍ଦ୍ରାଙ୍କ ୯୭.୭୯ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ



ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କ ସ୍ୱାମୀ ତଥା ବିଜନେସମ୍ୟାନ ରାଜ କୁନ୍ଦ୍ରାଙ୍କ ୯୭.୭୯ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି। ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ରାଜଙ୍କ ଜୁହୁସ୍ଥିତ ଘର ବି ରହିଛି। ଯାହାକି ଶିଳ୍ପାଙ୍କ ନାମରେ ଥିବା ଜଣାପଡ଼ିଛି। ଏତଦ ବ୍ୟତୀତ ପୁଣେରେ ଥିବା ଏକ ବଙ୍ଗଳା ଓ ରାଜଙ୍କ ନାମରେ ଥିବା ଇକ୍ୟୁଟି ସେୟାରକୁ ବି ଇଡ଼ି ଜବତ କରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମହାରାଷ୍ଟ୍ର ପୁଲିସ୍ ଓ ଦିଲ୍ଲୀ ପୁଲିସ୍ ପକ୍ଷରୁ ରୁଜୁ ହୋଇଥିବା ମାମଲା ଆଧାରରେ ଯାଞ୍ଚ ଆରମ୍ଭ କରିଥିଲା। । ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ସିମ୍ପି ଭରଦ୍ୱାଜ, ନିତୀନ ଗୌର ଓ ନିଖିଳ ମହାଜନଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଅଜୟ ଭରଦ୍ୱାର ଓ ମହେନ୍ଦ୍ର ଭରଦ୍ୱାଜ ଏବେବି ଫେରାର ଅଛନ୍ତି।

ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଥିଲା କି ଅଭିଯୁକ୍ତମାନେ ୨୦୧୭ରେ ନିବେଶକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପାଖାପାଖି ୬,୬୦୦ କୋଟି ଟଙ୍କାର ବିଟ କଏନ ସଂଗ୍ରହ କରିଥିଲେ। ଏପରିକି ମାସକୁ ବିଟ କଏନ ଆକାରରେ ୧୦% ପ୍ରଦାନ କରାଯିବ ବୋଲି ବି କହିଥିଲେ।

ଇଡି କରିଥିବା ଯାଞ୍ଚରୁ ଜଣାପଡ଼ିଛି ରାଜ କୁନ୍ଦ୍ରା ଏହି ମାମଲାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଅମିତ ଭରଦ୍ୱାଜଙ୍କ ନିକଟରୁ ୨୮୫ ବିଟ କଏନ ପାଇଥିଲେ। ଏହି ବିଟ କଏନ ପାଇବା ପରେ ରାଜ କୁନ୍ଦ୍ରା ୟୁକ୍ରେନରେ ବିଟ କଏନ ନିର୍ମାଣ ନିମନ୍ତେ ଏକ ଫ୍ୟାକ୍ଟ୍ରି ସ୍ଥାପନ କରିବେ ବୋଲି ଚୁକ୍ତି କରିଥିଲେ କିନ୍ତୁ ସେସବୁ କିଛି ହୋଇ ପାରିଲା ନାହିଁ। ଅମିତ ଭରଦ୍ୱାଜଙ୍କ ଠାରୁ ପାଇଥିବା ବିଟ କଏନ ଆଜି ବି ରାଜଙ୍କ ପାଖରେ ରହିଛି। ଯାହାର ବର୍ତ୍ତମାନ ମୂଲ୍ୟ ୧୫୦କୋଟି ଟଙ୍କା ହେବ ବୋଲି କୁହାଯାଉଛି।

# ‘କୌଣସି ରାଜନୈତିକ ଦଳ ସହ ମୋର ସମ୍ପର୍କ ନାହିଁ’



ନିକଟରେ ଅଭିନେତା ଆମୀର ଖାନ୍ ଏକ ରାଜନୈତିକ ଦଳ ପାଇଁ ପ୍ରଚାର କରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଆଗମୀ ନିର୍ବାଚନ ପାଇଁ ସେ ଏହି ବିଜ୍ଞାପନ କରିଥିବା କୁହାଯାଉଥିଲା। କିନ୍ତୁ ଏହା ଏକ ଫେକ୍ ଭିଡିଓ ବୋଲି ଅଭିନେତାଙ୍କ ଅଫିସିଆଲ୍ ଟିମ୍ ସ୍ପଷ୍ଟ କରିଛନ୍ତି। ବଲିଉଡର ମିଷ୍ଟର ପରଫେକ୍ଟନିଷ୍ଟ ଆମୀର ଖାନ୍। ନିକଟରେ ସେ ଏକ ରାଜନୈତିକ ଦଳ ପାଇଁ ପ୍ରଚାର କରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଆଗମୀ ନିର୍ବାଚନ ପାଇଁ ସେ ଏହି ବିଜ୍ଞାପନ କରିଥିବା କୁହାଯାଉଥିଲା। କିନ୍ତୁ ଏବେ ଏହି ଭିଡିଓକୁ ନେଇ ଏବେ ପ୍ରତିକ୍ରିୟା ରଖିଛନ୍ତି ଆମୀର ଖାନ। ଏହି ଭିଡିଓ ଫେକ୍ ହୋଇଥିବା ନେଇ ସେ ସ୍ପଷ୍ଟ କରିଛନ୍ତି। ଏଥିସହ କୌଣସି ରାଜନୈତିକ ଦଳ ସହ ତାଙ୍କର ସମ୍ପର୍କ ନଥିବା କହିଛନ୍ତି ଅଭିନେତାଙ୍କ ଅଫିସିଆଲ୍ ଟିମ୍। କେବଳ ସେତିକି ନୁହେଁ ଏହି ଫେକ୍ ଭିଡିଓକୁ ନେଇ ମୁମ୍ବାଇ ସାଇବର କ୍ରାଇମ୍ ପୁଲିସରେ ଆମୀର ଏଫ୍ଆଇଆର ମଧ୍ୟ କରିଛନ୍ତି। ୩୯ ବର୍ଷୀୟ ଫିଲ୍ମ କ୍ୟାରିୟରରେ ଅଭିନେତା ଆମୀର ଖାନ୍ କୌଣସି ବି ରାଜନୈତିକ ଦଳ ସହ ଯୋଡି ହୋଇନହାନ୍ତି। ତାଙ୍କର କୌଣସି ରାଜନୈତିକ ଦଳ ସହ ସମ୍ପର୍କ ନାହିଁ। ସେ କାହା ପାଇଁ ମଧ୍ୟ ପ୍ରଚାର କରି ନାହାନ୍ତି ବୋଲି ଆମୀରଙ୍କ ମୁଖପାତ୍ରଙ୍କ ତରଫ ଜାରି ହୋଇଥିବା ଏକ ବୟାନରେ କୁହାଯାଇଛି।

ବହୁ ବର୍ଷ ଧରି ଅନେକ ନିର୍ବାଚନ ବେଳେ ନିର୍ବାଚନ କମିଶନଙ୍କ ସଚେତନତା ଅଭିଯାନ ମାଧ୍ୟମରେ ଲୋକଙ୍କ ମଧ୍ୟରେ ମତଦାନ ପାଇଁ ସଚେତନା ସୃଷ୍ଟି କରିବାକୁ ଆମୀର ପ୍ରାୟସ କରିଛନ୍ତି। ଲୋକଙ୍କୁ ଆଗକୁ ଆସି ଭୋଟିଂ ପ୍ରକ୍ରିୟାରେ ଭାଗ ନେବା ପାଇଁ ସେ ଅପିଲ କରନ୍ତି। କିନ୍ତୁ କୌଣସି ରାଜନୈତିକ ଦଳ ପାଇଁ ସେ ପ୍ରଚାର ପ୍ରସାର କରିନାହାନ୍ତି। ଆମେ ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ, ଯେଉଁ ଭିଡିଓ ସାମ୍ନାକୁ ଆସିଛି ତାହା ଏକ ଫେକ୍ ଭିଡିଓ ବୋଲି ଆମୀର ଖାନ୍ଙ୍କ ମୁଖପାତ୍ର କହିଛନ୍ତି। କହିରଖୁ, ନିକଟରେ ଆମୀର ଖାନ୍ଙ୍କ ଏକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପ୍ରାୟ ଏକ ଦଶନ୍ଧି ପୂର୍ବରୁ ଟେଲିକାଷ୍ଟ ହୋଇଥିବା ଏକ ଶୋ ’ସତ୍ୟମେବ ଜୟତେ’ ସମୟରେ ଅଭିନେତାଙ୍କର ଏକ ଇଓ ନିର୍ମିତ ଭିଡିଓ ଥିଲା।

# ଭାଇଜାନଙ୍କ ଘର ଉପରକୁ ଗୁଳିମାଡ଼ ଘଟଣା: ହୋଇଥିଲା ୪ ଲକ୍ଷର ଡିଲ୍



ବଲିଉଡର ଭାଇଜାନ ସଲମାନ ଖାନଙ୍କ ଘର ଉପରେ ହୋଇଥିବା ଗୁଳିମାଡ଼ ଘଟଣାରେ ବଡ଼ ଖୁଲାସା କରିଛି ପୁଲିସ୍। ଦବଙ୍ଗ ଖାନଙ୍କ ଘର ଉପରକୁ ଗୁଳି ମାଡ଼ ପାଇଁ ହୋଇଥିଲା ୪ ଲକ୍ଷର ଡିଲ୍ । ଏଥିନିମନ୍ତେ କାମ ହେବା ପୂର୍ବରୁ ଲକ୍ଷେ ଓ କାମ ହେବା ପରେ ୩ ଲକ୍ଷ ଟଙ୍କା ଦିଆଯାଇଥିଲା।

ଏହି ଘଟଣାରେ ପୂର୍ବରୁ ଗୁଳି ମାଡ଼ କରିଥିବା ଦୁଇ ଅଭିଯୁକ୍ତଙ୍କୁ ପୁଲିସ୍ ବାନ୍ଧିଥିବା ବେଳେ ଏବେ ଆଉ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛି । ଏହି ବ୍ୟକ୍ତିଜଣକ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଓ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥିବା ପୁଲିସ୍ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଉଭୟ ପକ୍ଷ ମଧ୍ୟରେ କ’ଣ ଅଧିକ ସମ୍ପର୍କ ରହିଥିଲା ତାହାର ତଦନ୍ତ କରୁଛି ପୁଲିସ୍।

ଜଣେ ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗିରଫ ଦୁଇ ଅଭିଯୁଙ୍କ ମଧ୍ୟରୁ ଜଣଙ୍କ ସହ ସନ୍ଦିଗ୍ଧଙ୍କ ସମ୍ପର୍କ ଥିଲା। ଉକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କର ଲରେନ୍ସ ବିଷ୍ଣୋଇଙ୍କ ଛୋଟ ଭାଇ ଅନମୋଲ ବିଷ୍ଣୋଇଙ୍କ ସହ ସମ୍ପର୍କ ଥିଲା।

ସଲମାନଙ୍କ ଘର ଉପରକୁ ଫାୟାରିଂ କରିବା ଅଭିଯୋଗରେ ବନ୍ଧା ହୋଇଥିବା ସାଗର ପାଲ ଓ ବିକି ଗୁପ୍ତା ନିଜ ଗତିବିଧି ଓ କାର୍ଯ୍ୟକଳାପ ସମ୍ପର୍କରେ ଉକ୍ତ ବ୍ୟକ୍ତିଙ୍କୁ ସବିଶେଷ ବିବରଣୀ ଦେଉଥିଲେ। ଫାୟାରିଂର କିଛି ଘଣ୍ଟା ପୂର୍ବରୁ ୧୩ ତାରିଖ ରାତିରେ ବାନ୍ଦ୍ରା ଅଞ୍ଚଳରେ ସୁଟର ସାଗର ପାଲଙ୍କୁ ବନ୍ଧୁକ ଦିଆଯାଇଥିଲା। ଏଥିସହ ଏଥିପାଇଁ ୪ ଲକ୍ଷର ଡିଲ୍ ହୋଇଥିଲା। ସେଥିମଧ୍ୟରୁ ଲକ୍ଷେ ଫାୟାରିଂ ପୂର୍ବରୁ ଓ ୩ ଲକ୍ଷ ଫାୟାରିଂ ପରେ ଦିଆଯାଇଥିଲା।

ପ୍ରକାଶ ଥାଉ କି, ଗତ ୧୪ ତାରିଖ ରବିବାର ସକାଳ ୫ଟା ସମୟରେ ସଲମାନ ଖାନଙ୍କ ବାନ୍ଦ୍ରା ସ୍ଥିତ ବାସଭବନ ଉପରକୁ ଗୁଳିମାଡ଼ ହୋଇଥିଲା। ଦୁଇ ଜଣ ବାଇକରେ ଆସି ଅଚାନକ ସଲମାନଙ୍କ ଘର ଉପରକୁ ଗୁଳିଚାଳନା କରିଥିଲେ। ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ଶେଷରେ ଦୁଇ ଜଣଙ୍କୁ ପୁଲିସ୍ ଗୁଜରାଟରୁ ଗିରଫ କରିଥିଲା।

# ମା’ ହେବେ ଦୀପିକା: ସନ୍ତାନଙ୍କୁ ନେଇ ରଣବୀରଙ୍କ ପ୍ରତିକ୍ରିୟା



୨୦୧୮ରେ ଦୀପିକା-ରଣବୀର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।ବିବାହର ୬ବର୍ଷ ପରେ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ଅଭିନେତା ରଣବୀର ସିଂ ବାପା ଓ ମା’ ହେବାକୁ ଯାଉଛନ୍ତି। ଏ ଖୁସି ଖବରକୁ ଦୀପିକା ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ସେୟାର କରି ସମସ୍ତଙ୍କୁ ଜଣାଇଥିଲେ। ନିକଟରେ ରଣବୀର ବାପା ହେବାକୁ ନେଇ ଏକ ସୁନ୍ଦର ପ୍ରତିକ୍ରିୟା ଦେଇଛନ୍ତି। ଯାହାକୁ ଶୁଣିବା ପରେ ଦୀପବୀରଙ୍କ ଫ୍ୟାନ୍ସମାନେ ଖୁସି ହୋଇଯାଇଛନ୍ତି। ତେବେ ରଣବୀରଙ୍କୁ ପୁତ୍ର ସନ୍ତାନ ନା କନ୍ୟା ସନ୍ତାନ ଆବଶ୍ୟକ ବୋଲି ପଚରା ଯିବାରୁ ସେ ଦେଇଥିବା ପ୍ରତିକ୍ରିୟାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଯେଉଁଥିରେ ରଣବୀର କହୁଛନ୍ତି, ‘ଯେତେବେଳେ କୌଣସି ଭକ୍ତ ମନ୍ଦିରକୁ ଯାଇଥାଆନ୍ତି ତାଙ୍କୁ ସେଠାରେ ପଚରାଯାଇ ନଥାଏ କି ଆପଣ ପ୍ରସାଦରେ ଲଡୁ ନେବେ ନା ଶିରା। ଯାହାବି ପ୍ରସାଦରେ ମିଳିଥାଏ ତାହାକୁ ଶ୍ରଦ୍ଧାରେ ଗ୍ରହଣ କରାଯାଇଥାଏ।

ମୋ ମତରେ ଶିଶୁ ବି ହେଉଛି ଭଗବାନଙ୍କ ପ୍ରସାଦ। ପୁଅ କି ଝିଅ ଏଥିରେ ବାଛବିଚାର କରିବା ଆଦୌ ଉଚିତ ନୁହେଁ। ଯେଉଁମାନେ ବି ଏମିତି କରୁଛନ୍ତି ସେମାନଙ୍କୁ ମୋର ଅନୁରୋଧ ଏଥିରୁ ନିବୃତ୍ତ ରୁହନ୍ତୁ। ତେଣୁ ଭଗବାନ ଆମ ଦୁହିଁଙ୍କ ପାଇଁ ଯାହା ଠିକ ଭାବି ପଠାଇଛନ୍ତି ମୁଁ ତାହାକୁ ଖୁବ ଖୁସିରେ ଗ୍ରହଣ କରିବି। ବାପା ହେବାର ସୌଭାଗ୍ୟ ଦେଇଥିବାରୁ ଭଗବାନଙ୍କ ନିକଟରେ ମୁଁ କୃତଜ୍ଞ।’

# ନଗଡ଼ାକୁ ନେଇ ଚଳଚ୍ଚିତ୍ର କରିବେ ଅଭିନେତ୍ରୀ ନୈନା ଦାଶ



ନଗଡ଼ାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବେ ଅଭିନେତ୍ରୀ ନୈନା ଦାଶ ତିୱାରି। ସେ ପ୍ରଯୋଜକ ଭିଣୋଇ ଡ. ଅଭୟ ପତି, ୨ ଭଉଣୀ ଅସ୍ମିତା ପତି ଓ ଅଂଶୁ ତ୍ରିପାଠୀଙ୍କ ସହ ନଗଡ଼ା ଗସ୍ତରେ ଆସି ଏହାର ସ୍ଥିତି ଓ ଭିତ୍ତିଭୂମି ପରଖିଛନ୍ତି। ଉପର ନଗଡ଼ା, ମଝି ନଗଡ଼ା ଓ ତଳ ନଗଡ଼ାର ଘରକୁ ଘର ବୁଲି ସାଧାରଣ ଜୁଆଙ୍ଗ ଜନଜାତିର ପ୍ରଥା, ପରମ୍ପରା, ଚାଙ୍ଗୁନୃତ୍ୟ, ସାମାଜିକ ବ୍ୟବସ୍ଥା ଓ ସେମାନଙ୍କ ଜୀବନଚର୍ଯ୍ୟା ପରଖିଛନ୍ତି।

ନଗଡ଼ାର ନବ ଦମ୍ପତିଙ୍କ ବହୁବିଧ ସମସ୍ୟା ପଚାରି ବୁଝିଛନ୍ତି। କିଛି ରୁଗ୍ଣ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ବିଶେଷକରି ଏହି ଚଳଚ୍ଚିତ୍ର ନଗଡ଼ାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଜୁଆଙ୍ଗ ଜନଜାତିର ସାମାଜିକ ସଂସ୍କୃତି ଓ ଚଳଣି ଉପରେ ପର୍ଯ୍ୟବେସିତ ହେବ ବୋଲି ନୈନା କହିଛନ୍ତି। ସେହିପରି ନଗଡ଼ା ଘଟଣାବଳୀକୁ ନେଇ ଖୁବଶୀଘ୍ର ଏକ ବୃତ୍ତଚିତ୍ର ନିର୍ମାଣ କରାଯିବ ବୋଲି ଶ୍ରୀପତି କହିଛନ୍ତି।

# ମଲାଇକା ଆରୋରାଙ୍କୁ ପୁଅ ପଚାରିଲେ... ତମେ କେବେ ବାହା ହେଉଛ ?



ମଲାଇକା ଆରୋରା ଏବଂ ଅରବାଜ ଖାନଙ୍କ ପୁଅ ଅରହାନ ଖାନଙ୍କର ଏକ ନୂଆ ପ୍ରୋଜେକ୍ଟ ଆସିବାକୁ ଯାଉଛି। ଏହି ପ୍ରୋଜେକ୍ଟ ୱେବ୍ ସିରିଜ୍ କିମ୍ବା ଚଳଚ୍ଚିତ୍ର ନୁହେଁ, ବରଂ ଏକ ପୋଡକାଷ୍ଟ। ଏହି ପୋଡକାଷ୍ଟର ନାଁ ’ଡମ୍ବ ବିରିୟାନି’ ରଖାଯାଇଛି। ଏହି ପୋଡକାଷ୍ଟ ଏପିସୋଡର ପ୍ରଥମ ପର୍ଯ୍ୟାୟରେ ଅରହାନ ଖାନ ମାଆ ମଲାଇକାଙ୍କ ସାକ୍ଷାତକାର ନେଇଛନ୍ତି। ଏହି ବାର୍ତ୍ତାଳାପ ସମୟର ଏକ ଟିଜର ପୋଷ୍ଟ କରିଛନ୍ତି ଅରହାନ, ଯେଉଁଥିରେ ଉଭୟ ମାଆ ଓ ପୁଅ ଖୋଲାଖୋଲି ନିଜ ଜୀବନ ବାବଦରେ ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ମଲାଇକା ତାଙ୍କ ପୁଅଙ୍କୁ ଭର୍ଜିନିଟି ବାବଦରେ ପ୍ରଶ୍ନ କରୁଥିବା ବେଳେ ପୁଅ ମାଆଙ୍କୁ କେବେ ବିବାହ କରୁଛ ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ଟିଜର କ୍ଲିପ୍ ଅନୁସାରେ, ମଲାଇକା ପୁଅ ଅରହାନଙ୍କୁ ପଚାରୁଛନ୍ତି, ‘ତୁମେ ତୁମର ଭର୍ଜିନିଟି କେବେ ହରାଇଥିଲ।‘ ସେହିପରି ଅରହାନ ମଧ୍ୟ ମାଆ ମଲାଇକାଙ୍କୁ ପଚାରୁଛନ୍ତି, ‘ଏହା ମୋର ତୁମକୁ ଶେଷ ପ୍ରଶ୍ନ, ହାତ ଦେଖାଅ ଏବଂ କୁହ ଯେ, ତୁମେ କେବେ ବିବାହ କରୁଛ ?‘ ’ଡମ୍ବ ବିରିୟାନି’ର ପ୍ରଥମ ଏପିସୋଡ୍ ୧୮ ଏପ୍ରିଲ ୨୦୨୪ରେ ୟୁଟ୍ୟୁବରେ ରିଲିଜ୍ ହେବ। ବିବାହର ୧୯ ବର୍ଷ ପରେ ମଲାଇକା ଆରୋରା ଏବଂ ଅରବାଜ ଖାନ ଛାଡ଼ପତ୍ର ଦେଇଥିଲେ। ୨୦୧୭ରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲେ। ଏହା ପରେ ମଲାଇକା ଅର୍ଜୁନ କପୁରଙ୍କ ସହ ଡେଟ୍ କରୁଥିବା ଚର୍ଚ୍ଚା ହେଉଥିଲା। ଅରବାଜ ଖାନ ଗତ ବର୍ଷ ଡିସେମ୍ବରରେ ମେକଅପ୍ ଆର୍ଟିଷ୍ଟ ଶୁରା ଖାନଙ୍କୁ ବିବାହ କରିଥିଲେ।



# ଗ୍ୟାରେଜ ଓ ଗାଡ଼ି ମାଲିକଙ୍କ କବ୍‌ଜାରେ ସର୍ଭିସ ରୋଡ



ପାଣିକୋଇଲି, ୧୮/୪ (ନି.ପ୍ର): ପାଣିକୋଇଲି ବଜାର ସର୍ଭିସ ରୋଡ୍ ଏବେ ଗ୍ୟାରେଜ ଓ ଗାଡ଼ି ମାଲିକଙ୍କ କବ୍‌ଜାରେ ରହିଛି। ୧୬ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥର ମିଶ୍ରଣ ସ୍ଥଳ ହୋଇଥିବାରୁ ପାଣିକୋଇଲିରେ ସର୍ବଦା ଭାରୀଯାନର ଭିଡ଼ ଦେଖିବାକୁ ମିଳିଥାଏ। ପ୍ରତିଦିନ ହଜାରହଜାର ଭାରୀଯାନ, ଯାତ୍ରୀବାହୀ ବସ ସମେତ ଛୋଟଗାଡ଼ି ଚଳାଚଳ କରିଥାଏ। ୧୬ ନମ୍ବର ରାଜପଥର ପୁରୁଣା ଟୋଲଗେଟଠାରୁ ଓଭରବ୍ରିଜ ଆରମ୍ଭ ପର୍ଯ୍ୟନ୍ତ ସ୍ଥାନୀୟ ଲୋକ, ବାଇକ ଆରୋହୀ ଓ ସ୍କୁଲ କଲେଜକୁ ଯିବାଆସିବା କରୁଥିବା ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମିତ ସର୍ଭିସରୋଡ ଏବେ ଗ୍ୟାରେଜ ଓ ଟ୍ରକ ମାଲିକଙ୍କ କବଜାରେ ରହୁଛି। ସେମାନେ ଏହି ରାସ୍ତାକୁ ପାର୍କିଂସ୍ଥାନ ଭାବେ ବ୍ୟବହାର କରୁଛନ୍ତି। ଏହି ରାସ୍ତା ଉପରେ ନିକଟସ୍ଥ ଗୋଳେଇପୁର ପଞ୍ଚାୟତର ହାଟସାହି, ସୋଡି, ଖାନ୍ଦରାପୁର, ବାଟୁଳ ସମେତ ପାଣିକୋଇଲି ପଞ୍ଚାୟତର କାଙ୍କଲାପାଟଣା, ମଣିପୁର, ଦାମୋଦରପୁର ଗ୍ରାମବାସୀ ନିର୍ଭର କରିଥାନ୍ତି। ପାଣିକୋଇଲି ପ୍ରାଥମିକ ଚିକିତ୍ସାଳୟକୁ ମଧ୍ୟ ଲୋକମାନେ ଏହି ବାଟ ଦେଇ ଯିବାଆସିବା କରିଥାନ୍ତି। ଅଥଚ ଅଧିକାଂଶ ସମୟରେ ଟ୍ରକଗୁଡ଼ିକ ରାସ୍ତା ପାର୍ଶ୍ୱରେ ଲମ୍ବାଧାଡ଼ିରେ ଠିଆହୋଇ ରହୁଥିବାରୁ ରାସ୍ତା ସବୁବେଳେ ଜାମ୍ ହୋଇ ରହୁଛି। ଗୋଟିଏ ଛୋଟଗାଡ଼ି କିମ୍ବା ବାଇକଟିଏ ସହଜରେ ଅତିକ୍ରମ କରିପାରୁନାହଁ। ବୁଧବାର ଅପରାହ୍ଣରେ ଏକ ହାଇୱା (ଓଡି ୩୪ ସି ୧୪୧୫) ସର୍ଭିସରୋଡ୍ ନିକଟରେ ଥିବା ଡ୍ରେନ୍ ଭିତରେ ଫସିରହିବାରୁ ରାସ୍ତାଟି ବହୁ ସମୟଧରି ଜାମ୍ ହୋଇଯାଇଥିଲା। ଫଳରେ ପ୍ରଚଣ୍ଡ ଖରାରେ ସାଧାରଣ ଲୋକମାନେ କଲବଲ ହୋଇଥିଲେ। କିଛିମାସ ପୂର୍ବରୁ ସର୍ଭିସରୋଡ ଜାମ୍ ସଂପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଆଚର୍କିତ ଚଢ଼ଉ କରାଯାଇ ବେଆଇନ ପାର୍କିଂ ଗାଡ଼ିଗୁଡ଼ିକୁ ଜବତ କରି ଜରିମାନା କରାଯାଇଥିଲା। ସେବେ ତାଗିଦ କରାଯାଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡ଼ିନଥିବା ଆଜିର ଘଟଣାରୁ ସ୍ପଷ୍ଟ ହୋଇଛି। ସ୍ଥାନୀୟ ପୁଲିସ ଓ ପରିବହନ ବିଭାଗ ତୁରନ୍ତ ପଦକ୍ଷେପ ନେବା ଲାଗି ଦାବି ହୋଇଛି।

# ନିଜ ଗାଁ ବୁଥରେ ମତଦାନ କରିବେ ସ୍ୱାଭିମାନ ଅଞ୍ଚଳବାସୀ

ମାଲକାନଗିରି, ୧୮/୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ମାଓବାଦୀଙ୍କ ପତିଆରା ଧୀରେ ଧୀରେ କମିବାରେ ଲାଗିଛି। କାଁ ଭାଁ ସୀମାନ୍ତ ଅଂଚଳରେ ମାଓବାଦୀ ନିଜର ଗତିବିଧି ବଢାଇବାକୁ ଚେଷ୍ଟା କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ଟାର୍ଗେଟର ଶିକାର ହେଉଛନ୍ତି। ଦିନେ ଚିତ୍ରକୋଣ୍ଡା ବ୍ଲକ ସଂପୂର୍ଣ୍ଣ ଭାବେ ମାଓ ଗଡ଼ ଭାବେ ପରିଚିତ ଥିଲା। ଚିତ୍ରକୋଣ୍ଡାର ସ୍ୱାଭିମାନ ଅଂଚଳରେ ନିଜର କାର୍ଯ୍ୟାଳୟ ସହ କେନ୍ଦ୍ରୀୟ କମିଟିର ସମସ୍ତ ବୈଠକ କରୁଥିଲେ। ଗୁରୁପ୍ରିୟା ସେତୁ ହେବା ପରେ ଧୀରେ ଧୀରେ ବିକାଶ ସ୍ୱାଭିମାନ ଅଂଚଳକୁ ଛୁଇଁବା ଏବଂ ବିଏସଏଫ କ୍ୟାମ୍ପ ସମସ୍ତ ମାଓ ପ୍ରବଣ ଅଂଚଳରେ ସ୍ଥାପନ କରାଯିବା ଦ୍ୱାରା ମାଓ ଗତିବିଧି ହ୍ରାସ ପାଇଛି ।୨୦୧୭ ପଞ୍ଚାୟତ ନିର୍ବାଚନ ଚିତ୍ରକୋଣ୍ଡାର ସ୍ୱାଭିମାନ ଅଂଚଳରେ ମାଓବାଦୀ ଭୋଟଦାନ କରାଇଦେଇନଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ କାଁ ଭାଁ ଜାଗାରେ ନିର୍ବାଚନ ହୋଇପାରିନଥିଲା। ସେହିପରି ୨୦୨୨ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଲୋକେ ନିଜ ଗାଁ ଠାରୁ ପାଖ ଭୋଟଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇଥିଲେ। ଏବେ କିନ୍ତୁ ସ୍ଥିତି ବଦଳିଛି। ଲୋକେ ନିଜ ଗ୍ରାମରେ ହିଁ ଭୋଟ ଦେବେ। ପୁଲିସ ଏବଂ ପ୍ରଶାସନ ଭୋଟଦାନ କେନ୍ଦ୍ରଗୁଡିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛନ୍ତି । ବ୍ଲକରେ ଥିବା ୫୦ଟି ଭୋଟ ଦାନ କେନ୍ଦ୍ରରେ ଯେପରି ଶାନ୍ତିଶୃଙ୍ଖଳାରେ ଭୋଟ ଦାନ ହେବ ସେନେଇ ସମସ୍ତ ପ୍ରସ୍ତୁତି ସରିଛି । ଏପିରିକି ସୋମବାର ପୁଲିସ ଡିଜି ସ୍ୱାଭିମାନ ଅଂଚଳ ବୁଲି କିପରି ସ୍ଥିତି ରହିଛି ସମୀକ୍ଷା କରିଥିଲେ। ଦରକାର ପଡିଲେ ସମସ୍ତ ପୁଲିସ ଫୋର୍ସକୁ ସ୍ୱାଭିମାନ ଅଂଚଳରେ ଲଗାଯିବ ବୋଲି କହିଥିଲେ। କିନ୍ତୁ ଆଜି ବି ୩୭ଟି ବୁଥ ସମ୍ବେଦନଶୀଳ ରହିଥିବା ବିଭାଗ କହିଛି। ଏହି ବୁଥଗୁଡିକକୁ ବିଶେଷ ଧ୍ୟାନ ଦିଆଯାଉଥିବା କୁହାଯାଇଛି। ଅଂଚଳରେ ମାଓ ଗତିବିଧି ନଥିଲେ ମଧ୍ୟ ଲୋକେ ଭୟଭୀତ ରହିଥିବା ବେଳେ ପ୍ରଶାସନ ଓ ପୁଲିସ ଲୋକଙ୍କୁ ସୁରକ୍ଷା ବଢାଇ ଦେଇଛି।ନିର୍ବାଚନ ବର୍ଜନ ନେଇ ଆଜି ପର୍ଯ୍ୟନ୍ତ ସ୍ୱାଭିମାନ ଅଂଚଳରେ କୌଣସି ପୋଷ୍ଟର କିମ୍ବା ବ୍ୟାନର ମରାଯାଇପାରି ନାହିଁ। ପୂର୍ବରୁ ଯେତେ ନିର୍ବାଚନ ହୋଇଛି ସବୁ ନିର୍ବାଚନରେ ପ୍ରଥମରୁ ହିଁ ଭୋଟ ବର୍ଜନ ନେଇ ବ୍ୟାନର ଓ ପୋଷ୍ଟର ମାରି ଲୋକଙ୍କୁ ଭୟଭିତ କରାନ୍ତି। ଲୋକେ ମଧ୍ୟ ଏବେ ସଜାଗ ହୋଇଗଲେ। ଗ୍ରାମବାସୀ ମାଓବାଦୀଙ୍କ ମୁକାବିଲା କରିବା ପାଇଁ ଗାଁ ଗାଁରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପ୍ରସ୍ତୁତ ରହିଛନ୍ତି। ନିଜ ଅଂଚଳରେ ଭୋଟଦାନ କେନ୍ଦ୍ର ପ୍ରଥମ କରି ହେଉଥିବାରୁ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

# ଭତ୍ତା ପାଇଁ ସକାଳ ୭ରେ ଡାକିଦେଲେ: ୪୧° ଖରାରେ ବରିଷ୍ଠ ନାଗରିକ କଲବଲ



କଟକ-ବିଦ୍ୟାଧରପୁର, ୧୮/୪ (ନି.ପ୍ର): ଦିନ ୯ଟା ବାଜିଲା ବେଳକୁ ଖରା ଅସମ୍ଭାଳ ହେଉଛି। ସାରା ରାଜ୍ୟରେ ଅସହ୍ୟ ତାତି ଯୋଗୁଁ ସରକାର ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରିଛନ୍ତି। କଟକ ସହରରେ ତିନି ଦିନ ହେଲାଣି ତାପମାତ୍ରା ୪୦ ଡିଗ୍ରି ଉପରେ ରହିଛି। କିନ୍ତୁ ଆଜି ୧୫୦ରୁ ଅଧିକ ବରିଷ୍ଠ ନାଗରିକ ଭତ୍ତା ପାଇଁ ଆସି ସକାଳ ୭ରୁ ଦିନ ୧୧ଟା ଯାଏଁ ଖରାରେ ଆଉଟୁପାଉଟୁ ହେବା ଘଟଣା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କଟକ ପୌର ନିଗମରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ ଏଭଳି ଚରମ ଅବ୍ୟବସ୍ଥା ଆଜି ସାମନାକୁ ଆସିଛି। କଟକ ପୌର ନିଗମ ୱାର୍ଡ ନମ୍ବର ୫୧ରେ ଆଜି ସିଏମ୍‌ସି ପକ୍ଷରୁ ସକାଳ ୭ଟା ବେଳେ ଭତ୍ତା ଦିଆଯିବ ବୋଲି ହିତାଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ୫୧ ନମ୍ବର ୱାର୍ଡ ସାର୍ତ୍ତୋଳ ମଲ୍ଲିକ ସାହି ଗ୍ରାମ ଭାଗବତ ଯୁବକ ସଂଘ ଗୃହରେ ଭତ୍ତା ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ସେହି ଅନୁଯାୟୀ ସକାଳ ୭ଟା ବେଳକୁ ୱାର୍ଡର ପାଖାପାଖି ୧୫୦ ବରିଷ୍ଠ ନାଗରିକ ଭାଗବତ ଯୁବକ ସଂଘ ଘର ଅଗଣାରେ ବସି ରହିଥିଲେ। ଖରା ବଢୁଥିବା ବେଳେ ବରିଷ୍ଠ ନାଗରିକମାନେ ଡହଳବିକଳ ହୋଇ ଏଣେତେଣେ ଛାଇର ଆଶ୍ରା ଖୋଜୁଥିଲେ। ସେଠାରେ ସେମାନଙ୍କ ପାଇଁ ପାଣି ଅଥବା ଶୌଚାଳୟର ବି ବ୍ୟବସ୍ଥା ନଥିଲା। ଦିନ ୧୧ଟା ବେଳକୁ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ସିଓ ସସ୍ମିତା ନନ୍ଦ କର୍ମଚାରୀଙ୍କୁ ଧରି ଭତ୍ତା ବାଣ୍ଟିବାକୁ ପହଞ୍ଚିଲେ। ସିଓଙ୍କୁ ଏସଂପର୍କରେ ପଚାରିବାରୁ ସେ ଏଭଳି ଘଟଣାକୁ ନେଇ କୌଣସି ପ୍ରକାର ଦୁଃଖ ପ୍ରକାଶ କରିବା ବଦଳରେ ତାଙ୍କର ସକାଳୁଆ ଅଫିସ ନୁହେଁ ବୋଲି କହିଥିଲେ। ସେ କହିଥିଲେ ଯେ ତାଙ୍କ ଅଫିସ ସମୟ ଦିନ ସାଢେ ଦଶରୁ ଏଗାର। ସେ ଆସିଲା ବେଳେ ରେଳବାଇ ଫାଟକ ବନ୍ଦ ଥିଲା। ତେଣୁ ତାଙ୍କର ଆସିବା ଡେରି ହୋଇଗଲା। କିନ୍ତୁ ବରିଷ୍ଠ ନାଗରିକଙ୍କୁ ସକାଳ ୭ଟାରୁ କାହିଁକି ଡକାଯାଇଥିଲା ବୋଲି ପଚାରିବାରୁ ସେ ତାହାର ଉତ୍ତର ଦେଇ ନଥିଲେ। ସକାଳୁ ଆସି ହନ୍ତସନ୍ତ ହେଉଥିବା ହିତାଧିକାରୀ ଦିବାକର ଜେନା, ବଟକୃଷ୍ଣ ଛାଟୋଇ, ଗଙ୍ଗାଧର ବେହେରା, ରାମଚନ୍ଦ୍ର ସାମଲ, ଦର୍ଶନ ସାମଲ, ସୁରତୀ ସ୍ୱାଇଁ ପ୍ରମୁଖଙ୍କୁ ଏ ସଂପର୍କରେ ପଚାରିବାରୁ ସେମାନେ ସମସ୍ତେ କହିଥିଲେ ଯେ ସକାଳ ୭ଟାରେ ଭତ୍ତା ଦିଆଯିବ ବୋଲି ସେମାନଙ୍କୁ ଡକାଯାଇଥିଲା। ସେମାନେ ଆସିବା ପରେ ଘର ତାଲା ପଡିଥିଲା। ସେମାନଙ୍କ ପାଇଁ ବସିବା ବ୍ୟବସ୍ଥା ତ ନଥିଲା, ପାଣି ଟୋପାଏ ପିଇବା ପାଇଁ ବି ବ୍ୟବସ୍ଥା ହୋଇ ନଥିଲା। ସେମାନଙ୍କୁ ଖରାରେ ଏଭଳି ଡାକି ଏଭଳି କଲବଲ କରାଯାଉଛି ବୋଲି ହିତାଧିକାରୀମାନେ ଅଭିଯୋଗ କରିଥିଲେ।

# ଶୁଖିଯାଉଛି ଜଳାଶୟ: ଜଳଭଣ୍ଡାର ପାଲଟୁଛି ଗୋରୁଗାଈଙ୍କ ଚରାଭୂଇଁ



ରାଇରଙ୍ଗପୁର, ୧୮/୪ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ମୟୂରଭଂଜ ଜିଲ୍ଲାରେ ସବୁଠାରୁ ଅଧିକ ଉତ୍ତାପ ହେଉଛି। ଚଳିତ ବର୍ଷ ଜିଲ୍ଲାର ଅନେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରି ଅତିକ୍ରମ କରିଛି। ପ୍ରବଳ ଖରାଯୋଗୁଁ ଜିଲ୍ଲାର ଅଧିକାଂଶ ଜଳଉତ୍ସ, ନଦୀନାଳ, ଝରଣା, କୂଅପୋଖରୀ ଶୁଖିଗଲାଣି। ସବୁଠୁ ଦୁର୍ଭାଗ୍ୟର କଥା ହେଉଛି, ପୂର୍ବରୁ କୌଣସି ବର୍ଷ ଗ୍ରୀଷ୍ମ ଋତୁରେ ଜଳାଶୟ ଗୁଡିକ ଶୁଷ୍କ ହେଉନଥିବା ବେଳେ ଚଳିତ ବର୍ଷ ସେସବୁ ଶୁଖି ଫାଟି ଆଁ କରିଛି। ଜଳଭଣ୍ଡାରରେ ଆଦୌ ପାଣି ନଥିବାରୁ ସେଗୁଡିକ ବର୍ତମାନ ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ପ୍ରତିଦିନ ଜଳଭଣ୍ଡା ଗୁଡିକରେ ଶହଶହ ଗାଈଗୋରୁ ଚରୁଥିବାର ଦେଖାଯାଉଛି। ଜଳଭଣ୍ଡାର ପୋତି ହୋଇଯିବା ଯୋଗୁଁ ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଉଛି। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ପରିଚାଳିତ ଜଳଭଣ୍ଡାରର ଖନନ ଓ ପୁନଃରୁଦ୍ଧାର ଜରୁରୀ ହୋଇ ପଡ଼ିଛି। ଜଳଭଣ୍ଡାର ପୋତି ହୋଇପଡିବା କାରଣରୁ ଏଠାରେ ବର୍ଷାଦିନରେ ଆଶାନୁରୂପ ପାଣି ଗଚ୍ଛିତ ହୋଇ ରହିପାରୁନି। ଏଣୁ ଜଳଭଣ୍ଡାରର ପୁନରୁଦ୍ଧାର ଏବଂ ସେଗୁଡିକର ଉଚ୍ଚତା ବଢାଇବା ପାଇଁ ସ୍ଥାନୀୟ ଅଂଚଳବାସୀ ଦାବି କରି ଆସୁଥିଲେ ବି କେହି କର୍ଣପାତ କରୁନାହାଁନ୍ତି। ଦୀର୍ଘବର୍ଷ ଧରି ଉକ୍ତ ଜଳାଶୟରୁ ପଙ୍କ ଉଦ୍ଧାର ହୋଇନଥିବାରୁ ଏହାର ଶଯ୍ୟା ପୋତି ହୋଇଗଲାଣି। ଗତବର୍ଷର ବର୍ଷା ଫଳରେ ଜଳଭଣ୍ଡାର ଗୁଡ଼ିକରୁ ପାଣି ଉଛୁଳି ପାଣି ବାହାରକୁ ଚାଲିଯାଉଥିଲା। କିନ୍ତୁ ଚଳିତ ବର୍ଷ ଉତ୍କଟ ଗ୍ରୀଷ୍ମ ପ୍ରକୋପ ଯୋଗୁଁ ଜଳଭଣ୍ଡାର ସମ୍ପୂର୍ଣ ଶୁଷ୍କ ହୋଇଯାଉଛି। ଉକ୍ତ ଜଳଭଣ୍ଡାର ଗୁଡିକର ଜଳରେ ଉଭୟ ଖରିଫ ଓ ରବି ଋତୁରେ ଶହ ଶହ ହେକ୍ଟର ଜମିକୁ ଜଳସେଚନ ହୋଇ ପାରିଥାନ୍ତା କିନ୍ତୁ ଜଳାଶୟ ଗୁଡିକର ଉଚ୍ଚତା କମ୍ ଥିବାରୁ ସେଗୁଡିକରେ ବର୍ଷାଦିନରେ ମଧ୍ୟ ଜଳ ଗଚ୍ଛିତ ରହୁନାହିଁ । ପରିସ୍ଥିତି ଏମିତି ହେଉଛି, ବର୍ଷା ଛାଡ଼ିବା ମାତ୍ରେ ଜଳସ୍ତର ତୁରନ୍ତ ହ୍ରାସ ପାଉଛି। ଫଳରେ ଚାଷୀମାନେ ମଧ୍ୟ ରବିଋତୁରେ ଚାଷ କାର୍ଯ୍ୟ କରିବାରୁ ବଂଚିତ ହେଉଛନ୍ତି।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ



ଜୟପୁର, ୧୮/୪ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ କଙ୍ଗା ପଞ୍ଚାୟତ କଙ୍ଗା ଗାଁରେ ପ୍ରଶାସନ ତରଫରୁ ବାଲ୍ୟ ବିବାହ ରୋକାଯାଇଥିବା ଜଣାପଡ଼ିଛି। ସିଡିପିଓ ସୁଚେତା ପଣ୍ଡାଙ୍କ ସୂତ୍ରରୁ ପ୍ରକାଶ ଯେ, କଟୋପାଡ଼ ବ୍ଲକ କୁସୁମି ଅଂଚଳର ନାବାଳିକା ଝିଅର ବିବାହ କଙ୍ଗା ଅଂଚଳର ପଙ୍କଜ ହରିଜନ ନାମକ ଜୈନେକ ଯୁବକଙ୍କ ସହ ଆଜି ବିବାହ ହେବାକୁ ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇବା ପରେ ଶ୍ରୀମତୀ ପଣ୍ଡା, ଚାଇଲାଇଡ୍ ଲାଇନର ତପସ୍ୱିନୀ ପାତ୍ର, ଷ୍ଟେସନ କଙ୍ଗାର ଅଙ୍ଗନୱାଡୀ କର୍ମୀ, ଜୟପୁର ସଦରଥାନାର କଙ୍ଗା ବିଟର କର୍ମଚାରୀ ଗାଁରେ ପହଞ୍ଚିଥିଲେ। ବିବାହ କାର୍ଡ ଦେଖି ଝିଅର ଜନ୍ମ ତାରିଖ ବିଷୟରେ ପଚାରି ବୁଝିଥିଲେ। ଝିଅର ଆଧାରକାର୍ଡରେ ଯଦିଓ ୧୮ବର୍ଷ ହେଉଥିଲେ ହେଁ ସ୍କୁଲର ପ୍ରମାଣପତ୍ର ଦେଖିବାକୁ ପଡ଼ିବ ବୋଲି କହିଥିଲେ। ସେଭଳି ପୁଅର ବୟସ ୨୦ବର୍ଷ ୭ମାସ ହୋଇଥିବାରୁ ବିବାହ ବୟସ ହୋଇନଥିବାରୁ ଏହା ଆଇନ ସମ୍ମତ ନୁହେଁ ବୋଲି ବୁଝା ଯାଇଥିଲା। ପୁଅର ବିବାହ ବୟସ ହେବାପରେ ବିବାହ କରିବି ବୋଲି ବାପା ଲିଖିତ ଭାବେ ଦେବା ପରେ ବିବାହ ବନ୍ଦ କରାଯାଇଥିବା ସିଡିପିଓ ଶ୍ରୀମତୀ ପଣ୍ଡା ସୂଚନା ଦେଇଛନ୍ତି । ସେଭଳି ଝିଅର ସ୍କୁଲ ପ୍ରମାଣପତ୍ର ବି ଆଣିବାକୁ କୁହାଯାଇଥିଲା। ଆଜି ବିବାହ ବାତିଲ୍ ହୋଇଥିବା ବେଳେ ଉଭୟଙ୍କ ବିବାହ ବୟସ ହେବା ପରେ ଏହା ସଂପନ୍ନ କରାଯିବ ବୋଲି କହିଛନ୍ତି ସିଡିପିଓ।

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ଗୋଟିଏ ମାମଲାର ବିଚାରାଧୀନ ବନ୍ଦୀ ନୂଆ ମାମଲାରେ ଆଗୁଆ ଜାମିନ ଲୋଡ଼ି ପାରିବେ

କଟକ: ଗୋଟିଏ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଜଣେ ବ୍ୟକ୍ତି ଅନ୍ୟ ଏକ ମାମଲାରେ ଆଗୁଆ ଜାମିନ ଆବେଦନ କରି ପାରିବେ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଯଦି ତାଙ୍କୁ ସେହି ମାମଲାରେ ଆଗୁଆ ଜାମିନ ମିଳେ ତେବେ ପୂର୍ବ ମାମଲାରେ ମୁକ୍ତ ହେବା ପରେ ସଂପୃକ୍ତ ଅଭିଯୁକ୍ତଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକ୍ଷମ ହେବ। ପୂର୍ବ ମାମଲାରେ ହେପାଜତରେ ଥିବା ବେଳେ ଜେରା ପାଇଁ ଅଭିଯୁକ୍ତକୁ ରିମାଣ୍ଡରେ ନେବା ପାଇଁ ତଦନ୍ତକାରୀ ସଂସ୍ଥା ପଦକ୍ଷେପ ନେଇ ପାରିବ। ଯଦି ରିମାଣ୍ଡ ମଞ୍ଜୁର କରି ନିର୍ଦ୍ଦେଶ ପ୍ରଦାନ କରାଯାଏ ତେବେ ଅଭିଯୁକ୍ତ ଆଉ ଆଗୁଆ ଜାମିନ ପାଇଁ ଆବେଦନ କରିପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେ ନିୟମିତ ଜାମିନ ଲୋଡ଼ି ପାରିବେ ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ୍.କେ.ଷଡ଼ଙ୍ଗୀ ଓ ପ୍ରଥମ ପାତ୍ରଙ୍କ ପକ୍ଷରୁ ଦାୟର ପୃଥକ ଆଗୁଆ ଜାମିନ ଆବେଦନର ଏକତ୍ର ଶୁଣାଣି କରି ହାଇକୋର୍ଟ ଏପରି ରାୟ ପ୍ରଦାନ କରିଛନ୍ତି। ଏସ. କେ. ଷଡ଼ଙ୍ଗୀ ବିରୋଧରେ ଇଓଡବ୍ଲୁରେ ମାମଲା ଥିବା ବେଳେ ପ୍ରଥମ




କାଲିମେଳା ଥାନା ମାମଲାରେ ଗିରଫ ହୋଇଥିଲେ। ଦୁଇ ଆବେଦନକାରୀ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ସେମାନଙ୍କ ବିରୋଧରେ ଅନ୍ୟ ଅପରାଧିକ ମାମଲା ରୁଜୁ ହୋଇଥିଲା। ଜେଲ୍‌ରେ ଥାଇ ନୂଆ ମାମଲାରେ ଆଗୁଆ ଜାମିନ ଲୋଡ଼ି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୋଟିଏ ମାମଲାରେ ଗିରଫ ହୋଇ ଜେ୍‌ଲରେ ଥିବା ଅଭିଯୁକ୍ତ ତାଙ୍କ ବିରୋଧରେ ରୁଜୁ ଅନ୍ୟ ଏକ ମାମଲାରେ ଆଗୁଆ ଜାମିନ ଲୋଡ଼ି ଦାୟର କରିଥିବା ଆବେଦନ ଆଇନ ଅନୁସାରେ ଗ୍ରହଣୀୟ ବା ନୁହେଁ ସେ ନେଇ ଶୁଣାଣି ସମୟରେ ପ୍ରଶ୍ନ ଉଠିଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଓ ଦେଶର ଅନ୍ୟ ହାଇକୋର୍ଟ ପ୍ରଦାନ କରିଥିବା ରାୟର ନଜିର ଉପସ୍ଥାପନ କରାଯାଇଥିଲା। ଏଥିସହିତ ସମ୍ବିଧାନ ପ୍ରଦତ୍ତ ବ୍ୟକ୍ତିଗତ ସ୍ୱାଧୀନତା ମୌଳିକ ଅଧିକାର ପ୍ରସଙ୍ଗରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଅନୁସୂଚିତ ଜାତି ଓ ଜନଜାତିଙ୍କ ସୁରକ୍ଷା ପାଇଁ ରହିଥିବା ଆଇନରେ ରୁଜୁ ମାମଲାରେ ଆଗୁଆ ଜାମିନ ପ୍ରଦାନ ଉପରେ କଟକଣା ରହିଛି। ଏଭଳି କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଆଗୁଆ ଜାମିନ ଆବେଦନ ଗ୍ରହଣୀୟ ନୁହେଁ। କିନ୍ତୁ ଗୋଟିଏ ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ତାଙ୍କ ବିରୋଧରେ ରୁଜୁ ଅନ୍ୟ ନୂଆ ମାମଲାରେ ସିଆରପିସିର ଧାରା ୪୩୮ରେ ଆଗୁଆ ଜାମିନ ଦାୟର କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଆକାଶରୁ ଅଗ୍ନି ବର୍ଷା, ଜୀବନ କଲବଲ: ମାଟି ହାଣ୍ଡିର ଚାହିଦା ବଢ଼ିଲା

ଜୟପୁର, ୧୮/୪ (ନି.ପ୍ର): ଲଗାତାର ବଢୁଛି ପାରଦ। ଲାଗୁଛି। ସତେକି ଆକାଶରୁ ନିଆଁ ବର୍ଷା ହେଉଛି। ଏ ଭିତରେ ସହର ଏବଂ ଆଖପାଖ ଅଞ୍ଚଳରେ ତାପମାତ୍ରା ୩୮ ଡିଗ୍ରିରେ ପହଞ୍ଚିଲାଣି। ଆଗକୁ ତାତି ଆହୁରି ବଢିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ନିଆଁ ବର୍ଷାକୁ ଦେଖି ଏ ବର୍ଷର ତାତି ସବୁ ରେକର୍ଡ ଭାଙ୍ଗିବ ବୋଲି ସହରରେ ଚର୍ଚ୍ଚା ହେଉଛି। ଦିନ ଏବଂ ରାତିର ତାପମାତ୍ରାରେ ଅହେତୁକ ବୃଦ୍ଧି ଘଟିଛି। ସୂର୍ଯ୍ୟ ଉଇଁବା ମାତ୍ରେ ଆରମ୍ଭ ହେଉଛି ଖରା। ପୂର୍ବାହ୍ନ ୮ରୁ ତାପମାତ୍ରା ଧୀରେଧୀରେ ବଢ଼ି ଅପରାହ୍ଣ ୩ଟା ବେଳକୁ ଶିଖରରେ ପହଞ୍ଚୁଛି। ଘରୁ ବାହାରିଲେ ଦେହରେ ନିଆଁ ଗେଞ୍ଜି ହେବା ଭଳି ଲାଗୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ପର୍ଯ୍ୟନ୍ତ ସବୁ ସ୍କୁଲ ଓ କଲେଜ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଅପରପକ୍ଷରେ ଏଥରକ ଗ୍ରୀଷ୍ମବକାଶ ମେ ଏକ ତାରିଖରୁ ହେବା ସମ୍ଭାବନା ରହିଛି। ଖରା ପ୍ରକୋପରେ ଜୀବନଯାତ୍ରା ବ୍ୟାହତ ହୋଇଛି । ଖରା ବଢ଼ିବା ପରେ ରାସ୍ତାଘାଟ ଖାଁ ଖାଁ ହୋଇଯାଉଛି। ଏହି ସ୍ଥିତିରେ ମାଟିହାଣ୍ଡିର ଚାହିଦା ବଢ଼ିଛି। ଜୟପୁର ଦୈନିକ ବଜାରକୁ ବୁଧବାର ଆସିଥିବା ଶହେ ଟି ହାଣ୍ଡି ବିକ୍ରି ହୋଇଥିବା କହିଛନ୍ତି କୁମ୍ଭାରପୁଟର ମହିଳା ଓ ପୁରୁଷମାନେ। ସେଭଳି ସବୁ ଦିନ ହାଣ୍ଡି ବିକ୍ରୀ ହେଉଥିବା କହିଛନ୍ତି କିଛି କୁମ୍ଭକାର ଓବ୍ୟବସାୟୀ। ପରିବେଶ ପାଇଁ ଏହା ଅନୁକୂଳ ହୋଇଥିବା ବେଳେ ଏହାର ମୂଲ୍ୟ ମଧ୍ୟ ଶସ୍ତା ଥିବାରୁ ପୁରପଲ୍ଲୀ ଓ ଗ୍ରାମାଞ୍ଚଳର ଗରିବ ପରିବାର ଆଜି ବି ମାଟିପାତ୍ର ବ୍ୟବହାର କରି ଆସୁଛନ୍ତି। ଆଜିର ବଜାର ଦରରେ ଗୋଟିଏ ମାଟି ସୁରେଇ ବା ମାଟି ହାଣ୍ଡି ୫୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଛୋଟ ପାତ୍ରଗୁଡ଼ିକ ୨୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ମୋତି କୁମ୍ଭାର। । କୁମ୍ଭାର ପରିବାର କହିଛନ୍ତି, ପ୍ରାକୃତିକ ଉପାୟରେ ଏସବୁ ତିଆରି ହେଉଥିବାରୁ ଶରୀରକୁ ଏହା ନିରୋଗ ରଖିଥାଏ । କିନ୍ତୁ ଖରାଦିନ ଚାଲିଗଲେ ଲୋକେ ମାଟିପାତ୍ର ଠାରୁ ମୁହଁ ଫେରେଇ ନିଅନ୍ତି।

# ଗଡ଼ିବ ୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍: ଗ୍ରୀଷ୍ମକାଳୀନ ଭିଡ଼ ଏଡ଼ାଇବାକୁ ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱର, ୧୮/୪ (ନି.ପ୍ର): ଗ୍ରୀଷ୍ମ ଋତୁରେ ଯାତ୍ରୀ ଭିଡ଼ ଏଡ଼ାଇବା ସହ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଅଧିକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା ହୋଇଛି। ଏଥିସହ ପୂର୍ବରୁ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍ ସେବା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପ୍ରିଲରୁ ଜୁନ୍ ମାସ ଶେଷ ସୁଦ୍ଧା ପୁରୀ-ସାଲିମାର ଦ୍ୱି-ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ନିଜାମୁଦ୍ଦିନ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍, ମାଳତୀପାଟପୁର(ପୁରୀ)-ସାଲିମାର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍, ଭୁବନେଶ୍ୱର-ଯଶୋବନ୍ତପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍, ବ୍ରହ୍ମପୁର-ସୁରଟ ସାପ୍ତାହିକ ଟ୍ରେନ୍, ସମ୍ବଲପୁର-ପୁଣେ ସାପ୍ତାହିକ ଟ୍ରେନ୍, ସମ୍ବଲପୁର-ଗୌହାଟି ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟଣା-




କୋଲାମ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟଣା-କୁର୍ନୁଲ୍ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଗ୍ରୀଷ୍ମ ସମୟରେ ଯାତ୍ରୀ ଭିଡ଼ ଏଡ଼ାଇବାକୁ କିଛି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସେବା ସମୟ ବୃଦ୍ଧି ହୋଇଛି। ଭୁବନେଶ୍ୱର-ଚେନ୍ନାଇ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍, ଭୁବନେଶ୍ୱର-ଧାନବାଦ ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ଭଞ୍ଜପୁର(ବାରିପଦା) ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ସାନ୍ତ୍ରାଗଛି ସ୍ୱତନ୍ତ୍ର ଟ୍ରେନ୍, ବ୍ରହ୍ମପୁର-ଏର୍ଣ୍ଣାକୁଲମ୍ ସାପ୍ତାହିକ ଜନସାଧାରଣ ସ୍ୱତନ୍ତ୍ର ଟ୍ରେନ୍(ଅଣସଂରକ୍ଷିତ), କଟକ-ହାଇଦ୍ରାବାଦ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟଣା-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟଣା-ତିରୁପତି ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟଣା-ବେଙ୍ଗାଲୁରୁ ସ୍ପେସାଲ୍ ଟ୍ରେନ୍ ସେବା ବଢ଼ାଇ ଦିଆଯାଇଛି। ପ୍ରତି ଶନିବାର ପୁରୀରୁ ଓ ପ୍ରତି ରବିବାର ପାଟନାଠାରୁ ଚଳାଚଳ କରୁଥିବା ପୁରୀ-ପାଟଣା ସ୍ୱତନ୍ତ୍ର ଟ୍ରେନ୍(୦୮୪୩୯/୦୮୪୪୦) ଚଳାଚଳ ସମୟକୁ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ପ୍ରତି ଗୁରୁବାର ପାଟଣାରୁ ଓ ପ୍ରତି ଶୁକ୍ରବାର ପୁରୀରୁ ଚଳାଚଳ କରୁଥିବା ପୁରୀ-ପାଟଣା ସ୍ୱତନ୍ତ୍ର ଟ୍ରେନ୍(୦୩୨୩୦/୦୩୨୨୯) ସେବା ଜୁଲାଇ ୨୬ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଉପରୋକ୍ତ ସ୍ୱତନ୍ତ୍ର ଟ୍ରେନ୍ ବ୍ୟତୀତ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ୧୩ ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି। ଏହି ଟ୍ରେନ୍‌ଗୁଡ଼ିକ ହେଉଛି ସିକନ୍ଦରାବାଦ-ଦିବ୍ରୁଗଡ଼-ସିକନ୍ଦରାବାଦ ସ୍ପେସାଲ, ସିକନ୍ଦରାବାଦ-ଅଗରତାଲା-ସିକନ୍ଦରାବାଦ ସ୍ପେସାଲ, ଚେନ୍ନାଇ-ସାନ୍ତ୍ରାଗାଛି-ଚେନ୍ନାଇ ସ୍ପେସାଲ୍, ନାଗେରକୋଏଲ-ଡିବ୍ରୁଗଡ-ନାଗେରକୋଏଲ ସ୍ପେସାଲ, କୋଚୁଭେଲି-ସାଲିମାର-କୋଚୁଭେଲି ସ୍ପେସାଲ, ବେଙ୍ଗାଲୁରୁ-ଖଡଗପୁର-ବେଙ୍ଗାଲୁରୁ ସ୍ପେସାଲ, ସାନ୍ତ୍ରାଗାଛି-ସିକନ୍ଦରାବାଦ-ସାନ୍ତ୍ରାଗଛି ସ୍ପେସାଲ, ସିକନ୍ଦରାବାଦ-ସାଲିମାର-ସିକନ୍ଦରାବାଦ ସ୍ପେସାଲ, ବେଙ୍ଗାଲୁରୁ-ମାଲଦା ଟାଉନ-ବେଙ୍ଗାଲୁରୁ ସ୍ପେସାଲ, ମହୀଶୂର-ମୁଜାଫରପୁର-ମହୀଶୂର ସ୍ପେସାଲ, ନ୍ୟୁ ତିନସୁକିଆ-ବେଙ୍ଗାଲୁରୁ-ନ୍ୟୁ ତିନସୁକିଆ ସ୍ପେସାଲ ଓ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ।

# ଦେବୀପ୍ରସନ୍ନ, ପ୍ରିୟମ୍ବଦା ପାଇଲେ 'ଉତ୍କଳଶ୍ରୀ', ଅରବିନ୍ଦ ଓ ତୃପ୍ତି ପାଇଲେ 'ସାହିତ୍ୟଶ୍ରୀ' ଓ 'ସଙ୍ଗୀତରତ୍ନ'

## ଉତ୍କଳ ସାହିତ୍ୟ କଳା ପରିଷଦର ୩୭ତମ ସମାବର୍ତ୍ତନ ଉତ୍ସବ



କଟକ, ୧୮/୪ (ନି.ପ୍ର): ଆଜି ସଂଧ୍ୟାରେ କଟକର ସାରସ୍ୱତ ପୀଠ ସାରଳା ଭବନଠାରେ ଉତ୍କଳ ସାହିତ୍ୟ କଳା ପରିଷଦର ୩୭ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବିଶିଷ୍ଟ ସାହିତ୍ୟିକ ପ୍ରଫେସର (ଇଂ.) ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଓ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରିୟମ୍ବଦା ମହାନ୍ତି (ହେଜମାଦି)ଙ୍କୁ ଅନୁଷ୍ଠାନର ସର୍ବଶ୍ରେଷ୍ଠ ମର୍ଯ୍ୟାଦାଜନକ 'ଉତ୍କଳଶ୍ରୀ' ସମ୍ମାନ ପ୍ରଦାନ ସହ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଅରବିନ୍ଦ ବେହେରାଙ୍କୁ 'ଉତ୍କଳ ସାହିତ୍ୟଶ୍ରୀ' ସମ୍ମାନ ଓ ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ 'ଉତ୍କଳ ସଙ୍ଗୀତରତ୍ନ' ସମ୍ମାନ ଜଷ୍ଟିସ୍ ମହାପାତ୍ର ପ୍ରଦାନ କରିଥିଲେ। ସମ୍ମାନସ୍ୱରୂପ ଶ୍ରୀମନ୍ଦିରସ୍ମାରକୀ, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ଏତଦ୍‌ଭିନ୍ନ ବିଶିଷ୍ଟ ସମାଜସେବୀ ବିଜୟରାମ ଦାସଙ୍କୁ 'ଉତ୍କଳ ସେବା ସମ୍ମାନ', ବିଶିଷ୍ଟ କଥାଶିଳ୍ପୀ ରଶ୍ମି ମିଶ୍ରଙ୍କୁ 'ବ୍ୟାସକବି ଫକୀରମୋହନ କଥା ସମ୍ମାନ', ବିଶିଷ୍ଟ ସଂଗଠକ ଶଶଧର ପଣ୍ଡାଙ୍କୁ 'ସଂସ୍କୃତି ଗୌରବ ସମ୍ମାନ', ପ୍ରଫେସର ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ 'ଚିକିତ୍ସା ଗୌରବ ସମ୍ମାନ', ବିଶିଷ୍ଟ କବୀ ଛବିରାଣୀ ପତିଙ୍କୁ 'ଗଙ୍ଗାଧର ମେହର କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ସମ୍ମାନସ୍ୱରୂପ ଅନୁଷ୍ଠାନର ସ୍ମାରକୀ, କାରୁକଳା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦ ଦ୍ୱାରା ସଂକଳିତ ପୁସ୍ତକ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ' ଉନ୍ମୋଚିତ ହୋଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ପଦ୍ମଶ୍ରୀ ଦେବୀ ପଟ୍ଟନାୟକଙ୍କ ସହିତ ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତି ଉତ୍କଳ ସାହିତ୍ୟ କଳା ପରିଷଦର ପ୍ରତିଭା ପୂଜନ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଜଷ୍ଟିସ୍ ମହାପାତ୍ର କହିଲେ, ଓଡ଼ିଆ ଜାତି ତା'ର ଐତିହ୍ୟ ଓ ସଂସ୍କୃତି ପାଇଁ ବିଶ୍ୱରେ ପୂଜା ପାଉଛି। ଭାଷା ଓ ସଂସ୍କୃତି ହେଉଛି ଜାତିର ମାନଦଣ୍ଡ। ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ। ସଭାପତି ଡକ୍ଟର ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଲେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ ଆମେ ସମସ୍ତେ ଗର୍ବ କରିବା ଉଚିତ। ପୁରାତନ ଭାଷା ଭାବରେ ଆମେ ଶାସ୍ତ୍ରୀୟ ମାନ୍ୟତାର ଅଧିକାରୀ ହୋଇଛୁ। ପରିଷଦର ଉପସଭାପତି ଶିକ୍ଷାବିତ୍ ଡକ୍ଟର ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଷଦର ସାଧାରଣ ସଂପାଦକ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଜୟଲକ୍ଷ୍ମୀ ପତ୍ରୀ ଓ ମଳୟ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ରୀତା ରାୟ, କ୍ଷୀରାବ୍ଧି ତନୟା ମହାନ୍ତି, ଅନନ୍ତ ଚରଣ ଦାସ, ବବିତା ସ୍ୱାଇଁ, କବୀ କାନ୍ତିବାଳା ନାୟକ, ବିଶ୍ୱାମିତ୍ର ମିଶ୍ର ପ୍ରମୁଖ ମାନପତ୍ର ପାଠ କରିଥିଲେ। ଶେଷରେ ଗୋପୀନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ଭୁବନାନନ୍ଦ ମହାନ୍ତି, ପୁରୁଷୋତ୍ତମ ରାଉତ, ବ୍ରଜକିଶୋର ବେଉରା ଓ ବିଭୁ ପ୍ରସାଦ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଶିଳ୍ପୀ, କଳାକାର ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୪ ଲୋକସଭା ଓ ୨୮ ବିଧାନସଭା...

ଆଜିଠୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଏହା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ । ଏପ୍ରିଲ ୨୬ରେ ନାମାଙ୍କନ ପତ୍ର ଯାଂଚ, ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଏହି ୪ଟି ଲୋକସଭା ଆସନରେ ମୋଟ ୭୨୮୯ ମତଦାନ କେନ୍ଦ୍ର ଖୋଲାଯାଇଛି । ମାର୍ଚ୍ଚ ୧୬ରୁ ଆଜିସୁଦ୍ଧା ଏହି ୪ ଲୋକସଭା ନିର୍ବାଚନମଣ୍ଡଳୀରୁ ୫୮୭ଟି ଅଭିଯୋଗ ଆସିଛି ଓ ୫୮୨ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ୩୦.୩୭କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି। କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରେ ମୋଟ ୧୭ଲକ୍ଷ ୨୧୯ଜଣ ଭୋଟର ଥିବାବେଳେ ସେଥିରେ ୧୮ରୁ ୨୯ବର୍ଷ ବୟସ ମଧ୍ୟରେ ୪,୩୫,୧୫୯ଜଣ ଭୋଟର ଅଛନ୍ତି । ସେହିପରି ନବରଙ୍ଗପୁର ଲୋକସଭା ମଣ୍ଡଳୀରେ ମୋଟ ୧୫ଲକ୍ଷ ୧୩ହଜାର ୭୫୬ଜଣ ଭୋଟର ଥିବାବେଳେ ୧୮ରୁ ୨୯ବର୍ଷ ବୟସ ମଧ୍ୟରେ ୪ଲକ୍ଷ ୩୭ହଜାର ୨୧୯ଜଣ ଅଛନ୍ତି । ବ୍ରହ୍ମପୁର ନିର୍ବାଚନମଣ୍ଡଳୀରେ ମୋଟ ୧୫.୯୦ଲକ୍ଷ ଭୋଟର ଥିବାବେଳେ କୋରାପୁଟରେ ୧୪.୮୦ଲକ୍ଷ ଭୋଟର ଅଛନ୍ତି । ଏହି ୪ ନିର୍ବାଚନ ମଣ୍ଡଳୀରେ ମୋଟ ୬୨ଲକ୍ଷ ୮୪ହଜାର ୬୪୯ଜଣ ଭୋଟର ଥିବାବେଳେ ସେଥିରେ ମହିଳା ଭୋଟରଙ୍କ ସଂଖ୍ୟା ୩୧,୮୭,୭୭୧ଜଣ ଓ ପୁରୁଷ ଭୋଟରଙ୍କ ସଂଖ୍ୟା ୩୦,୯୬,୨୪୩ । ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ୬୩୫ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ୩୭ ବିଧାନସଭାରେ ପ୍ରାର୍ଥୀ ...

ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ସେହିପରି ବଣାଇ ବିଧାନସଭା ଆସନରୁ ଦଳ ପୁଣିଥରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ପ୍ରାର୍ଥୀ କରିଛି । ଆଦିବାସୀବହୁଳ ବଣାଇ ବିଧାନସଭା ସିପିଆଇ(ଏମ)ର ଗଡ଼ ଭାବେ ପରିଚିତ ଓ ଦଳର ପ୍ରାର୍ଥୀ ଏଠାରୁ ୩ଥର ବିଜୟୀ ହେଲେଣି । ସେହିପରି ନୀଳଗିରିରୁ ଯୋଗାନନ୍ଦ ଦାସ,ରଣପୁର-ସରୋଜ ନାୟକ, ଖୋର୍ଦ୍ଧା-ଗିରିଶ ମହାରଣା, ସାଲେପୁର-ବଦ୍ରିନାରାୟଣ ଦାସ, ମୋରଡ଼ା-ମୃତ୍ୟୁଞ୍ଜୟ ବେହେରା, ଚିତ୍ରକୋଣ୍ଡା-ରଘୁନାଥ ହେନ୍ତାଳଙ୍କୁ ଦଳ ପ୍ରାର୍ଥୀ କରିଛି । ସେହିପରି ଆମ୍ ଆଦମୀ ପାର୍ଟି ୩୭ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି । ପଦମପୁର-ବାଲ୍ମୀକୀ ନାୟକ, ବରଗଡ଼-ଆଶୀଷ ଶତପଥୀ, ଅତାବିରା-ଜୟକୃଷ୍ଣ ଛୁରିଆ, ଭଟଲୀ-ଶାହରୁଖ ଲୋଧିଆ, ବ୍ରଜରାଜନଗର-କୁମୁଦ ରଞ୍ଜନ ପ୍ରସାଦ, ବଣାଇ-କୁନି ମୁଣ୍ଡା, ରେଙ୍ଗାଲୀ-ସୀତାକାନ୍ତ ରୋହିଦାସ, ଉଦଳା-ରାଜକିଶୋର ମାରାଣ୍ଡି, ମୋରଡ଼ା-ଶଙ୍କର୍ଷଣ ମିଶ୍ର, ବଡ଼ଚଣା-ବିଜୟ ଦାସ, ଢେଙ୍କାନାଳ- ଭରତ କୁମାର ଦାସ, ଅନୁଗୁଳ-ଦୀପ୍ତିମୟୀ ଦାଶ, ବଲାଙ୍ଗୀର-ଆଶୀଷ ପାଣ୍ଡେ, ଭବାନୀପାଟଣା-ରମେଶ ନାଏକ, ନର୍ଲା- ପୃଥ୍ୱୀରାଜ ଛତ୍ରିଆ, ଜି.ଉଦୟଗିରି-ଯଉବନ ମଲ୍ଲିକ, ବୌଦ୍ଧ-ସ୍ମୃତି ସରସ୍ୱତୀ ସ୍ୱାଇଁ, ଆଠଗଡ଼- ଦେବୀପ୍ରସାଦ ମହାପାତ୍ର, ଚୌଦ୍ୱାର କଟକ- ବିଜୟଲକ୍ଷ୍ମୀ ମହାପାତ୍ର, ମାହାଙ୍ଗା- ଶାରଦା ପ୍ରସାଦ ଦାଶ, ପାଟକୁରା-ଅଶୋକ କୁମାର ତ୍ରିପାଠୀ, ମହାକାଳପଡ଼ା-ବୈବାମନୁ ବେଉରା, ବାଲିକୁଦା ଏରସମା- ବରଦା ପ୍ରସନ୍ନ ସାହୁ, ପୁରୀ-ସତ୍ୟଜିତ ମହାନ୍ତି, ବ୍ରହ୍ମଗିରି-ଅଶ୍ୱିନୀ କୁମାର ସାମନ୍ତ ସିଂହାର, ଭୁବନେଶ୍ୱର ଉତ୍ତର- ସୋମନାଥ ରାଉତ, ଦଶପଲ୍ଲା-ଅଶୋକ ନାୟକ, ଭଞ୍ଜନଗର- କବିରାଜ ବେହେରା, ଛତ୍ରପୁର- ରିତୁ କୁମାରୀ ସେଠୀ, ଗୋପାଳପୁର- ପି ନୀଳକଣ୍ଠ, ବ୍ରହ୍ମପୁର- ସୁବାସ ଚନ୍ଦ୍ର ରାଉତ, ଦିଗପହଣ୍ଡି- ପି ମନୋଜ କୁମାର, ଚିକିଟି- ତୁକା ଶ୍ରୀନିବାସ, ପାରଳାଖେମୁଣ୍ଡି- ମନୋଜ ବଡ଼ନାଏକ, ଜୟପୁର-ଗୌରୀଚରଣ ଦେବଶର୍ମା, କୋରାପୁଟ-କର୍ପୁର ହନ୍ତାଳ, ଚିତ୍ରକୋଣ୍ଡା-ଶରତ ଚନ୍ଦ୍ର ବୁରୁଡ଼ାଙ୍କୁ ଦଳ ପ୍ରାର୍ଥୀ କରିଛି । ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକସଭାରୁ ବରିଷ୍ଠ ସିପିଆଇଏମ୍ ନେତା ଜନାର୍ଦ୍ଦନ ପତି ପ୍ରାର୍ଥୀ ହୋଇଥିଲେ । କଂଗ୍ରେସ ଏଠାରେ ପ୍ରାର୍ଥୀ ନଦେଇ ଶ୍ରୀ ପତିଙ୍କୁ ସମର୍ଥନ ଦେଇଥିଲେ ମଧ୍ୟ କଂଗ୍ରେସ ଭୋଟକୁ ବିରୋଧୀ ଦଳ ହାତେଇବାରେ ସକ୍ଷମ ହୋଇଥିଲେ । ମାତ୍ର ଚଳିତଥର ଦଳ ନିଜର ବରିଷ୍ଠ ନେତା ସୁରେଶ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଛି ଓ କଂଗ୍ରେସ ବି ନିଜର ଲେକାସଭା ପ୍ରାର୍ଥୀ ଭାବେ ପ୍ରଦେଶ ଛାତ୍ର ସଭାପତି ୟାସିର ନୱାଜଙ୍କୁ ମଇଦାନକୁ ଓହ୍ଲାଇଛି ।

### ପିକ୍‌ଅପ୍ ଭ୍ୟାନ୍‌ରୁ ...

ହେଉଛନ୍ତି ସମ୍ବଲପୁର ଜିଲ୍ଲାର ଚୁଡାମଣି ଦୋରା ବୋଲି ପୁଲିସ୍ କହିଛି। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଏତେ ପରିମାଣର ଟଙ୍କା କେଉଁଠୁ ଆସୁଥିଲା ଓ କେଉଁ ଯାଇଥାଆନ୍ତା, ତାହା ଜଣାପଡ଼ି ନାହିଁ। ପୁଲିସ୍ ତାହା ଉପରେ ତଦନ୍ତ ଜାରି ରଖିଛି। ଏହା ପୂର୍ବରୁ ସୁବର୍ଣ୍ଣପୁରରୁ ପର୍ଯ୍ୟାପ୍ତ ପରିମାଣର ଟଙ୍କା ଜବତ ହୋଇଥିଲା। ଆନ୍ଧ୍ରପ୍ରଦେଶର କିଛି ବ୍ୟକ୍ତି ଏକ କାରରେ ଟଙ୍କା ନେଇ ଯାଉଥିବା ବେଳେ ପୁଲିସ୍ ଧରିଥିଲା।

# ଯୁବକର ମୃତ ଦେହ ଉଦ୍ଧାର: ହତ୍ୟା ସନ୍ଦେହ



ବେତନଟୀ , ୧୮/୪ (ନି.ପ୍ର): ବେତନଟୀ ଥାନା ଅଧୀନ ବେତନଟୀ ବଙ୍ଗଳାଛକ ରୁ ଶହେ ମିଟର ଦୂର ଜାତୀୟ ରାଜପଥ ଆଶ୍ରୟସ୍ଥଳୀ ନିକଟରେ ଆଜି ଅଚେତ ଅବସ୍ଥାରେ ଜଣେ ଯୁବକ ଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସରେ ଯୋଗେ ବେତନଟୀ ଗୋଷ୍ଠୀ କେନ୍ଦ୍ର କୁ ନେଇଥିବା ବେଳେ ଡ଼ାକ୍ତର ସତ୍ୟ ପ୍ରକାଶ ଦାସ ତାଙ୍କୁ ମୃତ ଘୋଷଣା ଉ କରିଛନ୍ତି। ଯୁବକର ନାମ ଚୈତନ୍ୟ କିସ୍କୁ (୪୫) ତାଙ୍କ ଘର ମୃତକ ପଡ଼ିଥିବା ସ୍ଥାନ ରୁ ଦୁଇଶହ ମିଟର ଦୂର ତାଙ୍କ ଆତ୍ମିୟ ସଜୋନ କେହି ନଥିବା ଜଣାପଡ଼ିଛି। ଯୁବକ ର ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଡାକ୍ତର ସତ୍ୟପ୍ରକାଶ ଦାସ ଙ୍କ ସୂଚନା ଅନୁସାରେ ଚୈତନ୍ୟ କୁ ମୃତ ଘୋଷଣା କରିବା ପୂର୍ବରୁ ତା ନାକ ଓ ଆଖିରେ ରକ୍ତ୍ୱାହାରୁ ଥିବା ବେଳେ ବାମ ଗୋଡ ଜଙ୍ଘରେ ଆଘାତ ହୋଇ ଫୁଲି ଯାଇଥିବା ସୂଚନା ଦେଇଥିଲେ। ବେତନଟୀ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶ୍ୱ ବ୍ୟବଛେଦ କରିଥିବା ଜଣାପଡିଛି । ଶବ ବ୍ୟବଚ୍ଛେଦ ପରେ ମୃତ ର କାରଣ ଯୋଣା ପଡ଼ିବ ବୋଲି ବେତନଟୀ ପୁଲିସ ସୂଚନା ଦେଇଛନ୍ତି।

# ଭୋଟର ସଚେତନତା ଏବଂ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ବ୍ୟାପକ କରାଯାଉଛି 'ସ୍ୱୀପ୍ ଅଭିଯାନ'ଞ୍ଚ

ବାଲେଶ୍ୱର, ୧୮/୪ (ନି.ପ୍ର): ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ (SVEEP) ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ଓ ଜନସାଧାରଣଙ୍କୁ ଆଗାମୀ ନିର୍ବାଚନରେ ସାମିଲ କରିବା ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି । ଏଥି ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱୀପ୍ ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମକୁ ଆୟୋଜନ କରାଯାଉଅଛି ଓ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଘରକୁ ଘର ବୁଲି, ପଥପ୍ରାନ୍ତ ନାଟକ, ଗୋଷ୍ଠୀ ବୈଠକ କରି ତୃଣମୂଳସ୍ତରର ଜନସାଧାରଣଙ୍କ ନିକଟରେ ପହଞ୍ଚିବା ସହ ଭୋଟ୍ ସମ୍ପର୍କିତ ସେମାନଙ୍କ ପ୍ରଶ୍ନଗୁଡିକର ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ଓ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ସଭା ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାଙ୍କୁ ସାମିଲ କରାଯିବା ସହ ସକ୍ରିୟ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସଦରବ୍ଲକ ରସାଲପୁରସ୍ଥିତ ଡ଼. ଯଦୁନାଥ ମହାବିଦ୍ୟାଳୟ, ଜଳେଶ୍ୱର ବ୍ଲକସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର ମହିଳା ମହାବିଦ୍ୟାଳୟ, ଖଇରା ବ୍ଲକ ଅଧିନସ୍ଥ ଖଇରା କଲେଜ ଏବଂ ବାଲିଆପାଳ ବ୍ଲକଠାରେ ନବନିର୍ମିତ ବୁଥଗୁଡିକରେ 'ସ୍ୱୀପ୍ ଅଭିଯାନ' ଅଧୀନରେ ୱାକାଥନ୍, ସାଇକେଲ ରାଲି, ଦସ୍ତଖତ ଅଭିଯାନ, ପୋଷ୍ଟକାର୍ଡ ମାଧ୍ୟମରେ ଚିଠି, 'ନିର୍ବାଚନ ପାଠଶାଳା' ଭଳି ଅନେକ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଓ ଭୋଟରମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସକ୍ରିୟ ଭାବେ 'ସ୍ୱୀପ୍' ଅଭିଯାନରେ ସାମିଲ ହୋଇ ଆଗାମୀ ନିର୍ବାଚନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# କଂଗ୍ରେସରେ ଯୋଗ ଦେଲେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ

ଭୁବନେଶ୍ୱର, ୧୮/୪ (ନି.ପ୍ର): ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ। ଗୁରୁବାର ଭୁବନେଶ୍ୱରରେ କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ବରିଷ୍ଠ ନେତା ପଂଚାନନ କାନୁନଗୋଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। କଂଗ୍ରେସରେ ଯୋଗଦେବା ପରେ ସିପ୍ରା ମଲ୍ଲିକ କହିଥିଲେ, ଆଜି ମୋ ପାଇଁ ଏକ ବଡ଼ ଦିନ। କଂଗ୍ରେସ ଦଳରେ ନୂତନ ଆରମ୍ଭ କରିବି। ମୋ ବାପା ଏହି ଦଳରେ ଥିଲେ। ମୁଁ ମଧ୍ୟ ଏହି ଦଳକୁ ଫେରିଥିବାରୁ ଅତ୍ୟନ୍ତ ଖୁସି। ଟିକେଟ ପାଇଁ ମୁଁ କିଛି ଆଲୋଚନା କରିନାହିଁ। କିନ୍ତୁ କେନ୍ଦ୍ରାପଡାରୁ ଲଢ଼ିବାକୁ ଆଶା ରଖିଛି। ଯଦି ଦଳ ମୋତେ ସୁଯୋଗ ଦେବ, ତା'ହେଲେ ମୁଁ ନିଶ୍ଚିତ କେନ୍ଦ୍ରାପଡ଼ାରୁ ନିର୍ବାଚନ ଲଢ଼ିବି। ସୂଚନାଯୋଗ୍ୟ ଯେ ୨୦୦୯ରେ କେନ୍ଦ୍ରାପଡ଼ାରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ସିପ୍ରା ମଲ୍ଲିକ। କିନ୍ତୁ ୨୦୧୪ ଓ ୨୦୧୯ରେ ତାଙ୍କୁ ଦଳ ଟିକେଟ ଦେଇ ନଥିଲା। ସେହିପରି ବିଜୁ ମହିଳା ଦଳତା ଦଳର ପୂର୍ବତନ ସାଧାରଣ ସମ୍ପାଦିକା ତଥା ବଡ଼ଚଣାର ଜଣାଶୁଣା ସମାଜସେବୀ ମନୋରମା ଆଚାର୍ଯ୍ୟ ବିଧିବଦ୍ଧ ଭାବରେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ପ୍ରଭାବିତ ହୋଇ ତାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଛନ୍ତି ବୋଲି ଶ୍ରୀମତୀ ମନୋରମା ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ଓ ଯଜ୍ଞ କାର୍ଯ୍ୟ ଉଦଯାପିତ




ଲଙ୍ଗଳେଶ୍ୱର ୧୮/୪ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଓ ଦୁଇ ଦିନିଆ ଯଜ୍ଞ କାର୍ଯ୍ୟ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଅବସର ରେ ଭକ୍ତ ମାନଙ୍କୁ ଖିଚୁଡି ପ୍ରସାଦ ବଣ୍ଟନ କରଯାଇଥିଲା। ପ୍ରତି ବର୍ଷ ପରି ଚଳିତ ବର୍ଷ ଶ୍ରୀରାମ ନବମୀ ଠାରୁ ବାର୍ଷିକ ଉତ୍ସବ ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଦଶମୀରେ ପୂର୍ଣ୍ଣାହୁତି ପରେ ସମସ୍ତ କାର୍ଯ୍ୟ ସମାପନ ହୋଇଯାଇଛି ।ନବମୀରେ ଶତାଧିକ ମହିଳା ମାନଙ୍କ ଦ୍ୱାରା ସୁବର୍ଣ୍ଣରେଖା ନଦୀରୁ କଳସ ଯାତ୍ରାରେ ପାଣି ଆଣି ଯଜ୍ଞ ବେଦିରେ ସ୍ଥାପିତ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଅବସର ରେ ମନ୍ଦିର ରେ ମନ୍ଦିର ରେ ଦୈନିକ ପୂଜାର୍ଚ୍ଚନା ସହିତ ବିଷ୍ଣୁ ଯଜ୍ଞ, ହନୁମାନଙ୍କର ଉପଚାର ପୁଜା,ହନୁମାନ ଚାଲିଶା,ବିଷ୍ଣୁ ସହସ୍ରନାମ ଓ ହନୁମାନଙ୍କର ସହସ୍ର ନାମରେ ଆହୁତି ପ୍ରଦାନ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା ।ଦୁଇ ଦିନଧରି ଯଜ୍ଞରେ ଲୋକ ମାନେ କେଜି କେଜି ସ୍ୱଦେଶୀ ଘୃତ ଆହୁତି ପ୍ରଦାନ କରିଥିଲେ। ହନୁମାନ ମନ୍ଦିର ଦୈନିକ ପୂଜକ ପଣ୍ଡିତ ବାବୁରାମ ପଣ୍ଡାଙ୍କ ତତ୍ୱାବଧାନରେ ପ୍ରଭାକର ପଣ୍ଡା,ଧନଞ୍ଜୟ ପଣ୍ଡା,ଅଜିତ ପଣ୍ଡା,,ଝାଡେଶ୍ୱର ରଥ,ସୁଶାନ୍ତ ମିଶ୍ର,ବିଶ୍ୱମ୍ଭର ମହାପାତ୍ର ପ୍ରମୁଖ ପଣ୍ଡିତ ମାନେ ଯଜ୍ଞ କାର୍ଯ୍ୟ ତୁଲାଇ ଥିବା ବେଳେ ମନ୍ଦିର ପ୍ରତିଷ୍ଠାତା ତଥା ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ମୃତ୍ୟୁଞ୍ଜୟ ସାହୁଙ୍କ ଯଜ୍ଞ ରେ କର୍ତ୍ତା ଭାବରେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବ କମିଟିର ସଦସ୍ୟ ଦୈତାରୀ ଗିରି,ଝାଡେଶ୍ୱର ପ୍ରଧାନ,ଅଜୟ କୁମାର ସାହୁ, ପଦ୍ମଲୋଚନ ବାରିକ,ଅଜୟ କୁମାର ଦାସ,ବିଜୟ ସାହୁ,ପ୍ରମୋଦ ଭୂୟାଁ,ଗଣେଶ୍ୱର ବେହେରା,ଭୁବନ ମୋହନ ପିଳା,ପଞ୍ଚାନନ ଭୋଳ, ବରେନ୍ଦ୍ର ଘଡାଇ,ଗୋପାଳ ଚନ୍ଦ୍ର ସାହୁ,ଅଶୋକ ରାଉତ,ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ଙ୍କ ସହିତ ସମସ୍ତ ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ଅଞ୍ଚଳ ବାସୀଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରରେ ସମାପନ ହୋଇଯାଇଛି।

# ନବୀନ ନିବାସରେ ପହଂଚିଲେ ଟିକେଟ ପାଇଥିବା ଅନେକ ନେତା

ଭୁବନେଶ୍ୱର, ୧୮/୪ (ନି.ପ୍ର): ବିଜୁ ଜନତା ଦଳ ପକ୍ଷରୁ ଟିକେଟ ପାଇଥିବା ଅନେକ ନେତା ଆଜି ନବୀନ ନିବାସ ପହଂଚିଛନ୍ତି । ନିର୍ବାଚନ ମଣ୍ଡଳୀ ପରିବର୍ତ୍ତନ କରାଯିବା ପରେ ବିଜେପୁର ବିଧାନସଭା ଆସନରୁ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ. କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ହିନ୍ଦୋଳ ବିଧାୟିକା ସୀମା ନାୟକ ନବୀନ ନିବାସ ପହଂଚିଛନ୍ତି । ଜୟପୁର ବିଜେଡି ବିଧାୟିକା ପ୍ରାର୍ଥୀ ଇନ୍ଦିରା ନନ୍ଦ ବି ନବୀନ ନିବାସ ପହଁଚିଥିଲେ । ସେ କହିଛନ୍ତି ଯେ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ. କାରଣ ସ୍ୱାଧୀନତା ପରେ ପ୍ରଥମ ଥର ଜଣେ ମହିଳା ଜୟପୁରରୁ ପ୍ରାର୍ଥୀ ହୋଇଛନ୍ତି. ଏଥର ବିଜୟ ସୁନିଶ୍ଚିତ। କଂଗ୍ରେସକୁ ମାତ ଦେବୁ କାରଣ ଲୋକେ ଜାଣିଛନ୍ତି ବିକାଶ ନବୀନ ପଟ୍ଟନାୟକଙ୍କ ସହ ଅଛି ।

# ରାଧାକୃଷ୍ଣ ମନ୍ଦିର ରତ୍ନ ଭଣ୍ଡାର ପୂର୍ଣ୍ଣ ଉତ୍ସବ ଅନୁଷ୍ଠିତ



ଆଳି, ୧୮/୪ (ନି.ପ୍ର): ଆଳି ବ୍ଲକ ଯାଦବ ମହାସଭା ପକ୍ଷରୁ ନିର୍ମାଣ କରାଯାଉଥିବା ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ର ରତ୍ନ ଭଣ୍ଡାର ପୂର୍ଣ୍ଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ବୁଧବାର ପବିତ୍ର ରାମ ନବମୀ ଅବସରରେ ନିଆଳ ଶପ୍ତଶାଳା ପଡିଆ ଠାରେ ଏହି ନିର୍ମାଣାଧୀନ ମନ୍ଦିର ର କଥିତ ଉତ୍ସବ ପୂର୍ବାହ୍ନ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଆଳି ବ୍ଲକ ଅଞ୍ଚଳ ର ୩୪ ଗ୍ରାମ ପଞ୍ଚାୟତ ରେ ବସବାସ କରୁଥିବା ଯାଦବ ସଂପ୍ରଦାୟର ଦୀର୍ଘ ଦିନ ର ଆଶାଥିଲା ବ୍ଲକ ସ୍ତରୀୟ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ଓ ଏହି ମନ୍ଦିର ରେ ପରମ ଆରାଧ ପ୍ରେମମୟୀ ମା ରାଧାରାଣୀ ଓ କୃଷ୍ଣ ଙ୍କ ର ମୂର୍ତ୍ତି ଶୋଭାପାଇବ। ତାହା ଆଜିର ଏହି ରତ୍ନ ଭଣ୍ଡାର ପୂର୍ଣ୍ଣ ଉତ୍ସବ ପରେ କେତେକାଂଶରେ ସଫଳ ହୋଇଛି। ଅତି ଆନନ୍ଦ ଉଲ୍ଲାସର ସହିତ ଲୋକମାନେ ଏହି କାର୍ଯ୍ୟକ୍ରମକୁ ପାଳନ କରୁଥିବା ଦେଖିବାକୁ ମିଳିଛି। ଅଂଚଳ ରେ ଏହି କାର୍ଯ୍ୟ ପାଇଁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ନିଜ ଇଛା ମୁତାବକ ଶସ୍ୟ, ବିଭିନ୍ନ ଧାତୁ ଟଙ୍କା ପଇସା ଦାନ କରିଥିବା ଜଣାପଡିଛି। ଶହଶହ ଭକ୍ତ ଜନଙ୍କ ଉପସ୍ଥିତ ଯୋଗୁଁ ଅଚଳ ଟି ଉତ୍ସବ ମୁଖର ହୋଇଉଠିଛି। ହିନ୍ଦୁ ଧର୍ମ ର ରୀତି ନୀତି ଅନୁଯାୟୀ ଶାସ୍ତ୍ର ଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜାପାଠ,ହୋମ ଯଜ୍ଞ ଆଦି କରାଯାଇଛି। ମହାସଂଘ ପକ୍ଷରୁ ଦିବେଶ ପଲଏଇଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଓ କର୍ତୀ ଭାବରେ ସମର୍ପଣ ନେଇ ପୂଜା ପାଠରେ ବସିଛନ୍ତି। ସଂକୀର୍ତ୍ତନ ମଣ୍ଡଳୀ ଙ୍କ ହରିନାମ ଧ୍ୱନିରେ ସାରା ପରିବେଶ ମୁଖରିତ ହୋଇଉଠିଛି ।ନିଆଳ ଗ୍ରାମ ର ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ ଅନାଦି ଚରଣ ପଲେଇ ସ୍ୱଇଛାରେ ଜମି ଦାନ ମନ୍ଦିର ନିର୍ମାଣ ର ଆରମ୍ଭ ପାଇଁ ପଥ ପରିଷ୍କାର କରିଦେଇଥିଲେ ଓ ଓଡ଼ିଶା ସରକାରଙ୍କ ମହାନ ୨୦ ଲକ୍ଷ ଟଙ୍କା ର ଦାନ ଏହି କାର୍ଯ୍ୟ କୁ ଶେଷ ପର୍ଯ୍ୟାୟ କୁ ନେଇ ଛି। ମନ୍ଦିର କାର୍ଯ୍ୟ ପାଇଁ କର୍ମ କର୍ତ୍ତା ମାନେ ଦିନରାତି ଏକ କରିଦେଇଛନ୍ତି।

# ମୟୂରଭଞ୍ଜ କଲେଜ ଅଫ ଆକାଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟ ଛାତ୍ରାବାସରେ ବିଦାୟ କାଳୀନ ଉତ୍ସବ

ବାରିପଦା,୧୮/୪(ନି.ପ୍ର) : ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ଛାତ୍ରାବାସ ରେ ଶେଷ ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଦାୟ କାଳୀନ ଉତ୍ସବ ଛାତ୍ରାବାସ ର ଅଧିକ୍ଷିକା ଦେବଶ୍ରୀତା ବିଶ୍ୱାଳ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶେଷବର୍ଷ ର ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜଳ କାମନା କରିବା ସହ ହଷ୍ଟେଲ ରେ ଶିଖିଥିବା ରୀତି, ନୀତି, ନିୟମ,ଚଳଣି, ଶୃଙ୍ଖଳାକୁ ଉପଯୋଗ କରି ନିଜ ଜୀବନ ପଥରେ ଆଗେଇବା ନିମନ୍ତେ ଉପଦେଶ ଦେଇଥିଲେ। ସମାଜସେବୀ ମୁନା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଆଗକୁ ଯିବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସୁଜାତା ପାଲ, ଅଧ୍ୟାପକ ରଞ୍ଜିତ ମାରାଣ୍ଡି, ପ୍ରିତମ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚାଭିଳାଷି ହେବା ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲେ। ଶେଷ ବର୍ଷର ଛାତ୍ର ଛାତ୍ରୀ ମାନେ ହଷ୍ଟେଲ ରେ ବିତିଥିବା ୩ ବର୍ଷର ଅନୁଭୂତିକୁ ସମସ୍ତଙ୍କ ସମ୍ମୁଖ ରେ ବଖାଣି ଥିଲେ। ଛାତ୍ରାବାସର ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ପିଜି ଏବଂ ୟୁଜିର ଛାତ୍ରଛାତ୍ରୀ ମାନେ ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ




ମୋନରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର ଖେଳର ଆୟୋଜନ କରିଥିଲେ। ପିଜି ପ୍ରଥମ ବର୍ଷର ଛାତ୍ରୀ ବୈଜନ୍ତିମାଳା ଭୋଇ ଏବଂ ୟୁଜି ଦ୍ୱିତୀୟ ବର୍ଷର ଛାତ୍ରୀ ସିମ୍ରନ୍ ଶର୍ମା ମଞ୍ଚ ପରିଚାଳନା କରିବା ସହିତ ଅନ୍ୟ ଛାତ୍ର ଛାତ୍ରୀ ମାନେ ସଭା କାର୍ଯ୍ୟ ଆୟୋଜନ କରିବାରେ ସାହାଯ୍ୟ କରିଥିଲେ।

